# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା '୫-ଟି' ରୂପାନ୍ତରିତ ହାଇସ୍କୁଲର ଉଦ୍‌ଘାଟନ

ଟିଟିଲାଗଡ଼, ୨୧।୧(ସମିସ):ଟିଟିଲାଗଡ଼ ବ୍ଲକ ଚୋରାମରା ଗାଁରେ '୫-ଟି' ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଆଭାଷୀ ମାଧ୍ୟମରେ ଉଦଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଜିଲ୍ଲାର ୧୦୦ଟି ରୂପାନ୍ତରିତ ହାଇସ୍କୁଲକୁ ଲୋକର୍ପଣ କରିଥିଲେ। ବଲାଙ୍ଗୀର ଜିଲ୍ଲାରେ ପୂର୍ବରୁ ୩ଟି ପର୍ଯ୍ୟାୟରେ ୨୨୪ଟି ହାଇସ୍କୁଲକୁ ରୂପାନ୍ତରିତ କରି ଲୋକାର୍ପିତ କରାଯାଇଥିଲା। ଯେଉଁ ଅଞ୍ଚଳରେ ସ୍ମାର୍ଟ କ୍ଲାସ, କମ୍ପ୍ୟୁଟର ଓ ଉନ୍ନତମାନର ଶ୍ରେଣୀ ଗୃହ ସ୍ୱପ୍ନ ଥିଲା ତାହା ବର୍ତ୍ତମାନ ରୂପାନ୍ତରିତ ହୋଇ ଉନ୍ନତମାନର ସ୍କୁଲରେ ପରିଣତ ହୋଇଛି। ଏହି ଲୋକାର୍ପଣ ଉତ୍ସବରେ ଟିଟିଲାଗଡ଼ ବିଧାୟିକା ତଥା ମନ୍ତ୍ରୀ ଟୁକୁନି ସାହୁ, ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର, ସାଂସଦ ନିରଞ୍ଜନ ବିଶିଙ୍କ ସହିତ ଜିଲ୍ଲାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




# ଧାନ କିଣାବିକା ରିପୋର୍ଟ ମାଗିଲେ ଡିଆର୍‌ସିଏସ୍

ବଲାଙ୍ଗିର, ୨୧।୧(ସମିସ)

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ରୋତ ପାକ୍ସ ସମ୍ପାଦକ ମିଲର୍ସଙ୍କ ସହ ମିଶି ଚାଷୀଙ୍କୁ ହଇରାଣ କରିବା ମହଙ୍ଗା ପଡ଼ିଛି। ଏ ନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇ ଉଠିଛି। ପାକ୍ସରେ ତଦନ୍ତ ଆରମ୍ଭ ହେବା ସହିତ ବର୍ତ୍ତମାନ ସୁଦ୍ଧା କେତେ ଧାନ କିଣା ସରିଛି, କେତେ ମିଲକୁ ପଠାଯାଇଛି ଏ ସମ୍ପର୍କିତ ସବିଶେଷ ତଥ୍ୟ ପାକ୍ସ ସମ୍ପାଦକଙ୍କୁ ମାଗିଥିବା ଜଣାପଡ଼ିଛି। ପ୍ରକାଶ ଯେ ରୋତ ପାକ୍ସରେ ଚାଷୀମାନଙ୍କ ଧାନକିଣା ଠିକ ଭାବେ କରାଯାଉ ନ ଥିବା ଅଭିଯୋଗ ହେଉଥିବା ବେଳେ ସେପଟେ ମିଲର୍ସ ସହ ମିଶି ପାକ୍ସ ସମ୍ପାଦକ ଧାନକିଣାରେ ମିଛ କାରବାର କରିଥିବା ଅଭିଯୋଗ ହୋଇଥିଲା। ଏହି ପାକ୍ସରୁ ଧାନକିଣା ପାଇଁ ଟ୍ୟାଗିଂ ହୋଇଥିବା ରାଧାକ୍ରିଷ୍ଣା ରାଇସ ମିଲ ଓ ପାକ୍ସ ସମ୍ପାଦକ ମିଶି ପ୍ରାୟ ଛଅ ଶହ କ୍ୱିଣ୍ଟାଲର ମିଛ ଏଣ୍ଟ୍ରି କରିଥିବା ଖବର ସକାଳ ହାତରେ ଲାଗିଥିଲା। ଗତ ଦଶରୁ ପନ୍ଦର ଦିନ ଭିତରେ ଏହି କାରବାର ହୋଇଥିବା ବେଳେ ଏହାର ତଦନ୍ତ ହେଲେ ଏ ଅଭିଯୋଗର ସତ୍ୟତା ସାମ୍ନାକୁ ଆସିବ ବୋଲି ଖବର ପ୍ରସାରଣ ହୋଇଥିଲା। ମିଳିଥିବା ସୂଚନା ଅନୁସାରେ ଏହି ମଣ୍ଡି ଦାୟିତ୍ୱରେ ପର୍ଶୁରାମ ସେଠ ଥିବା ବେଳେ ଏହା ପୂର୍ବରୁ ସେ ମୁର୍ଷୁଣ୍ଡି ପାକ୍ସ ଦାୟିତ୍ୱରେ ଥିଲେ। ଗତ ଖରିଫ ସମୟରେ ସେ ପାକ୍ସ ଗୋଦାମରେ ଅଧିକ ଧାନ ମହଜୁଦ କରିବା ଅଭିଯୋଗରେ ନିଲମ୍ବିତ ହୋଇଥିଲେ। ଏହା ପରେ ସେ ପୁନଃ ନିଯୁକ୍ତି ପାଇବା ପରେ ତାଙ୍କୁ ରୋତ୍ ସମ୍ପାଦକ ଭାବେ ନିୟୋଜିତ କରାଯାଇଛି। ଥରେ ନିଲମ୍ବିତ ହେବା ପରେ ମଧ୍ୟ ସେ ଏହିଭଳି ବେଆଇନ କାମ କରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ତେବେ ସମ୍ପୃକ୍ତ ମିଲ ଉକ୍ତ ମଣ୍ଡିରୁ କେତେ ପରିମାଣର ଧାନ କେଉଁ ତାରିଖରେ ଉଠାଇଛି ଓ ତତସମ୍ପର୍କିତ ସିସିଟିଭି ଫଟୋ ଦେଖାଇବା

**ପ୍ରଶାସନିକ ତଦନ୍ତ ଆରମ୍ଭ**
**ପାକ୍ସ ସମ୍ପାଦକ ବିରୋଧରେ ସଙ୍ଗୀନ ଅଭିଯୋଗ**

ପାଇଁ ଅନୁରୋଧ କରାଯାଇଥିବା ବେଳେ ସେ ବିଭିନ୍ନ ଆଳ ଦେଖାଇ ଦିନ ଗଡ଼ାଉଛନ୍ତି। ଏପରିକି ସେ ଏନେଇ ତଥ୍ୟ ଲୁଚାଇବାକୁ ଚେଷ୍ଟା କରୁଥିବାରୁ ଏହି ଅଭିଯୋଗର ସତ୍ୟତା ସ୍ପଷ୍ଟ ହୋଇଛି। ମିଳିଥିବା ସୂଚନା ଅନୁସାରେ ଏକାଧିକ ଟ୍ରିପରେ ଧାନକିଣା ଯାଇଥିବା ନେଇ ସ୍ଲିପ କଟାଯାଇଛି। କିନ୍ତୁ ସେହି ତାରିଖ ଓ ସମୟରେ ମଣ୍ଡିରୁ ଧାନ କିମ୍ବା ଗାଡି ଯାଇ ନ ଥିବା ବେଳେ ମିଲର୍ସ ନିଜେ ବେଆଇନ ଭାବେ ଗଚ୍ଛିତ ଥିବା ଧାନକୁ ଚାଷୀମାନଙ୍କ ନାମରେ ଏଣ୍ଟ୍ରି କରିଥିବା ଅଭିଯୋଗ ହୋଇଛି। ଏନେଇ ପାକ୍ସ ସମ୍ପାଦକ ଶ୍ରୀ ସେଠ କୌଣସି ପ୍ରତିକ୍ରିୟା ଦେବାକୁ ମଧ୍ୟ ମନା କରିଦେଇଥିଲେ। ତେବେ ଏହି ଖବର ପ୍ରକାଶନ ହେବା ପରେ ଡିଆରସିଏସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଉକ୍ତ ମଣ୍ଡି ଓ ମିଲରୁ ଧାନ କିଣାବିକାର ସବିଶେଷ ତଥ୍ୟ ମାଗିଛନ୍ତି। କେବଳ ଏତିକି ନୁହେଁ ମିଲର୍ସ-ସମ୍ପାଦକଙ୍କ ମଧୁଚନ୍ଦ୍ରିକାର ତଦନ୍ତ କରି ସେମାନଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିକ୍ରିୟା ଦେବାପରେ ଏବେ ଅସାଧୁ ମିଲର୍ସ ସମ୍ପାଦକଙ୍କ ମଧ୍ୟରେ କୋକୁଆଭୟ ଖେଳିଯାଇଛି।

## ଛାତ୍ରଙ୍କୁ ମାଡ଼ ଘଟଣା: ଶିକ୍ଷକ ନିଲମ୍ବିତ

ତୁରେକେଲା, ୨୧।୧(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ଚଟୁଅନକା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବିଜ୍ଞାନଶିକ୍ଷକ ପ୍ରଭାତ ହରପାଲଙ୍କୁ ନିଲମ୍ବନ କରାଯାଇଛି। ଗତ ୧୯ ତାରିଖ ବିଜ୍ଞାନ ଶିକ୍ଷକ ବିଦ୍ୟାଳୟର ୫ ଛାତ୍ରଙ୍କୁ ମାଡ ମାରିଥଲେ। ଅବିଭାବକ ଆସି ବିଦ୍ୟାଳୟରେ ହୋହାଲ୍ଲା କରିବା ସହ ଛାତ୍ରଙ୍କୁ ଚିକିତ୍ସା ପାଇଁ ନେଇ ଯାଇଥିଲେ। ଏହି ଘଟଣାକୁ ଅବିଭାବକମାନେ ନିନ୍ଦା କରିଥିଲେ। ରବିବାର ବଲାଙ୍ଗିର ଜିଲ୍ଲା ଶିକ୍ଷାଧିକାରୀ ଉକ୍ତ ବିଜ୍ଞାନ ଶିକ୍ଷକଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି।

## ସାମ୍ବାଦିକଙ୍କ ପିତୃ ବିୟୋଗ

ବଲାଙ୍ଗିର, ୨୧।୧(ସମିସ): ସାମ୍ବାଦିକ ତଥା କବି ଆନନ୍ଦ ଚନ୍ଦ୍ର ସାହୁଙ୍କ ପିତା ମାସା ସାହୁଙ୍କ(୮୦)ଙ୍କର ପରଲୋକ ହୋଇଯାଇଛି। ସେ ଦୀର୍ଘ



ଦିନରୁ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ଥିଲେ। ଶୁକ୍ରବାର ତାଙ୍କୁ ଗୁରୁତର ଅବସ୍ଥାରେ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ରବିବାର ହଠାତ୍ ତାଙ୍କର ସ୍ୱାସ୍ଥ୍ୟ ବିଗିଡିବାରୁ ଶାନ୍ତିପଡ଼ା ବାସଭବନରେ ଦିନ ୧୨ଟାରେ ତାଙ୍କର ପରଲୋକ ଘଟିଛି। ଶେଷ ସମୟରେ ତାଙ୍କ ସ୍ତ୍ରୀ ଜାନକୀ ଦେବୀ, ପୁଅ ଆନନ୍ଦ, ଝିଅ ସିନ୍ଧୁସୂତା, କୁନି, ମଞ୍ଜୁଲତା, ଯଶୋଦା, ତପସ୍ୱିନୀ, ଯାଜ୍ଞସେନୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗତ ସାହୁ ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ, ଭଗବତ ବିଶ୍ୱାସୀ ମଣିଷ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ବଙ୍ଗୋମୁଣ୍ଡାରେ ବିଜେପି ଯୁବ ସମାବେଶ

ବଙ୍ଗୋମୁଣ୍ଡା, ୨୧।୧(ସମିସ): ବଙ୍ଗୋମୁଣ୍ଡରେ ବିଜେପିର ଯୁବ ସମାବେଶ ବ୍ଲକ ଯୁବମୋର୍ଚ୍ଚା ସଭାପତି ନୌରାଜ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସମାବେଶରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ଜିଲ୍ଲା ସଭାପତି ଶିବାଜୀ ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ, ଜିଲ୍ଲା ସମ୍ପାଦକ ଅନି ନାଏକ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଅମରଜିତ ପୁଟେଲ, ସଂଯୋଜକ ଦିନେଶ ଶର୍ମା, ନରସିଂ ସିଂ, ମଣ୍ଡଳ ସଭାପତି କ୍ଷୀରସିନ୍ଧୁ ବଛା, ମୁନିରାମ ନାଗ, ସରପଞ୍ଚ ଖରତ ବାଗ, ସମାଜସେବୀ ବସନ୍ତ ମେହେର, କିଶୋର ମେହେର, ନରସିଂ ଥନାପତି ପ୍ରମୁଖ ଯୋଗ ଦେଇଥିଲେ।

**ଭାଲେର ଧନୁଯାତ୍ରାର ଦୁଇ ନମର୍ ଦିନ୍**

# ଜନମ୍ ନେଲେ କୃଷ୍ଣ, ପୁତ୍‌ନାକେ ପଠାଲା କଂସ୍

*ବଲାଙ୍ଗିର, ୨୧।୧(ସମିସ): ଜନମ୍ କଲା ବାପ୍ କେ ଖେଦି, ନିଜେ ଗାଦିନ ବସିଲା। ନିଜର୍ ବହେନ୍ ଆର୍ ଭେନେଇ କେ ଜହଲ୍ ଖାନାଥି ଭରି ସେମାନଙ୍କର୍ କଅଁଲ୍ ଛୁଆମାନକୁ କେଚଡେଇ ମାରଲା। ଯେତେ ପାରଲା ମାଲଗୁଜାରୀ ଅସୁଲ୍ କଲା। ଘି ଗୁରସ ଛଡେଇ ଖାଏଲା। କଂସ ରଜାର୍ ଏନ୍ତା ଏନିଏ ଥି ମଥୁରା ରାଏଜର୍ ଲୁକେ ତ୍ରାହି ଛାଡୁଥିବାର୍ ବେଲକେ ଧରତୀ ଥି ଅବତାର ନେଇଛନ୍ ବିଷ୍ଣୁ ମହାପୁରୁ। ଦେବକୀ- ବସୁଦେବର ଆଠ୍ ନମର୍ ଛୁଆକେ ମାରମି ବଲି ଲୁଟିନେଲା ବେଲେକେ ଶୂନ୍ୟମାର୍ଗେ ଉଡିକରି ବିଜୁଲି କନ୍ୟା ଶୂନ୍ୟବାଣୀ କଲେ। 'ତୋର୍ କାଲ୍ ଜନମ୍ ହେଲାନ'। ଇ ପଦେ କଥା ଶୁନିକରି କଂସ ରଜାର୍ ମାଥା ଗରମ୍। ସେଦିନ ଯେତେ ପୁଓ ପିଲା ଜନମ୍ ହେଇଛନ୍ ସବକୁ ମାରବାର ଲାଗି ତାର୍ ବହେନ୍ ପୁତନା ଅସୁରେନ୍ କେ ପଠାଲା। ହେଲେ ଗୋପପୁରେ କେନ୍ ଛୁଆକେ ବିଷ୍ ଗୁରସ୍ ପିଏଇ କରି ପୁତନା ନିଜେ ମରିଯିବାର୍ ଖବର୍ କଂସ୍ ରଜାକେ ଘବରେଇ ଦେଲାନ। ଭାଲେର ହାଇସ୍କୁଲ ପଡ଼ିଆ ଥି ଏନ୍ତା ହୁରୁଦ୍ ଛିଆଁ ନାଟ୍ ଦେଖବାର୍ ଲାଗି ବନେ ଗହଳି ହଉଛେ। ଭାଲେର୍ ଧନୁଯାତ୍ରାର୍ ଦୁଇ ନମର୍ ଦିନେ ମାଏନତା କୁନୁଆ ଭାବେ ବଲାଙ୍ଗିର ଜିଲ୍ଲା ଅଘରିଆ ସମାଜ ର ସଭାପତି ଶୁଭ୍ରାଂସୁ ଶେଖର ପଟେଲ, ଭାଲେର ସରପଞ୍ଚ ପ୍ରଦୀପ ନନ୍ଦ ଆର୍ ସମିତି ସଭ୍ୟ ରାଜକିଶୋର ପଟେଲ ମଚାନ୍ ଠାନେ ବସିଥିଲେ। ଦିଗାମ୍ବର ନାଏକ୍ ଆଞ୍ଚା ମଚାନ୍ ପରିଚାଳନା କରିଥିଲେ। ଦରବାର୍ କାର୍ଯ୍ୟକ୍ରମ୍ ସରଲା ଉତାରୁ ଖୋର୍ଦ୍ଧାନୁ ଆସିଥିବାର୍ ନମାମୀ ଡାନ୍ସ ଗ୍ରୁପ ତାକର୍ ନାଚଗୀତ୍ ଦେଖେଇଥିଲେ।*



# ଲୁର୍କି ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ତୁଷୁରା, ୨୧।୧ (ସମିସ): ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ଲୁର୍କି ଗ୍ରାମରେ ୧୪୮ ତମ ଧନୁଯାତ୍ରା ଉଦଘାଟିତ ହୋଇଯାଇଛି। ଧନୁଯାତ୍ରା କମିଟିର ସଭାପତି ପୁରନ୍ଦର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତୁଷୁରା ତହସିଲଦାର କର୍ଣ୍ଣ ମଲ୍ଲିକ ଉଦ୍‌ଘାଟନ କରିବା ସହ ରାଜକୀୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଥମ ଦିନରେ ମଥୁରା ନଗରୀରେ ଦେବକୀ ବସୁଦେବ ବିବାହ, ଉଗ୍ରସେନଙ୍କ ଗାଦିଚ୍ୟୁତ, କଂସଙ୍କ ରାଜ୍ୟାଭିଷେକ ଦୈବବାଣୀ ଓ ବସୁଦେବ ଦେବକିଙ୍କୁ କାରାଗାରରେ ବନ୍ଦୀ, ଦେବକୀଙ୍କ ଶତ ପୁତ୍ର ବିନାଶ ଆଦି ଦୃଶ୍ୟ ପରିବେଷିତ ହୋଇଥିଲା।



ଏହି ଧନୁଯାତ୍ରାରେ ଉଗ୍ରସେନ ଭୂମିକାରେ ପ୍ରଶାନ୍ତ ତ୍ରିପାଠୀ, ବାସୁଦେବ ଭୂମିକାରେ ପ୍ରତାପ ନନ୍ଦ, କଂସ ଭୂମିକାରେ ଦିଲୀପ ମେହେର ନାରଦ ଦିବ୍ୟ ମଟାରି ପ୍ରମୁଖ ଅଭିନୟ କରିଥିଲେ। ଏହି ଧନୁଯାତ୍ରାକୁ କମିଟିର ସମ୍ପାଦକ ରାଘବ ପ୍ରଧାନ, ଅର୍ଜୁନ ପ୍ରଧାନ, ଟାଙ୍ଗୁରୁ ପ୍ରଧାନ, ପ୍ରସଦୂ ପ୍ରଧାନ, ଅବନୀ ପ୍ରଧାନ, ଶାନ୍ତନୁ ଭୋଇ, ରଘୁ ବଗାର, ଉଜ୍ଜ୍ୱଳ ବକୁଳ, ମନୋଜ ବଗର୍ତ୍ତୀଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ବିଷପିଇ ମହିଳାଙ୍କ ଆତ୍ମହତ୍ୟା

ବଲାଙ୍ଗିର, ୨୧।୧(ସମିସ): ବିଷପିଇ ତପସ୍ୱିନୀ ନାଗ ନାମକ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ଯୌତୁକ ନେଇ ଶାଶୁଘର ନିର୍ଯାତନା ସହି ନ ପାରି ସେ ଆତ୍ମହତ୍ୟା କରିଥିବା ବାପ ଘର ଲୋକେ ଅଭିଯୋଗ କରିଛନ୍ତି। ତପସ୍ୱିନୀ ୨୦୧୮ ମସିହାରେ ଖପ୍ରାଖୋଲ ଥାନା ଅନ୍ତର୍ଗତ ବାଘଝରଣ ଗ୍ରାମର ମହେଶ୍ୱର ନାଗଙ୍କୁ ବାହା ହୋଇଥିଲେ। ତାଙ୍କର ଔରସରୁ ଏକ ଝିଅ ଜନ୍ମ ହୋଇଛି। ହେଲେ ବାହାଘର ପରେ ହିଁ ମହେଶ୍ୱର ଓ ତାଙ୍କ ପରିବାର ଲୋକେ ମିଶି ତାଙ୍କୁ

**ଯୌତୁକ ନିର୍ଯାତନା ଅଭିଯୋଗ ଆଣିଲେ ବାପଘର ଲୋକେ**

ଯୌତୁକ ନିର୍ଯାତନା ଦେଉଥିବା ତପସ୍ୱିନୀଙ୍କ ମା' ଘର ଲୋକେ ଅଭିଯୋଗ ଆଣିଛନ୍ତି। ନିର୍ଯାତନା ସହିନପାରି ସେ ଗତକାଲି ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ଫଳରେ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏନେଇ ତାଙ୍କର ମୃତଦେହ କୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଆୟୁର୍ବେଦ ମହାବିଦ୍ୟାଳୟରେ ସଂସ୍କୃତ ସମ୍ମେଳନ

ବଲାଙ୍ଗିର, ୨୧।୧(ସମିସ): ଆୟୁର୍ବେଦ ମହାବିଦ୍ୟାଳୟରେ ସଂସ୍କୃତ ଭାରତୀ ଦ୍ୱାରା ଜନପଦ ସଂସ୍କୃତ ସମ୍ମେଳନ ଆୟୋଜିତ ହୋଇଯାଇଛି। ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଏବଂ ଜନଜାଗରଣ ପାଇଁ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭୀମଭୋଇ ଚିକିତ୍ସାଳୟ ଏବଂ ମହାବିଦ୍ୟାଳୟର ମାନସିକ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ସୁଖୀଶ୍ୟାମ ତ୍ରିପାଠୀ ଯୋଗ ଆୟୁର୍ବେଦ ବେଦାନ୍ତ ଜ୍ୟୋତିଷ ଗୀତା ରାମାୟଣ ବେଦ ଉପନିଷଦ ଦର୍ଶନ ଆଦିର ଅନୁବାଦ ବିନା ମୂଳ ଗ୍ରନ୍ଥର ଅର୍ଥ ଜାଣିବା ପାଇଁ ସଂସ୍କୃତ ଜ୍ଞାନ ଅତ୍ୟନ୍ତ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ଶିବବ୍ରତ ବେହେରା ଭାରତ ଶବ୍ଦକୁ ସାର୍ଥକ ଏବଂ ଅର୍ଥପୂର୍ଣ୍ଣ କରିବା ନିମନ୍ତେ ସମସ୍ତେ ସଂସ୍କୃତ ଶିଖିବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ସଂସ୍କୃତ ଭାରତୀର ପ୍ରାନ୍ତ ସମ୍ପାଦକ ଅଜିତ କୁମାର ପଣ୍ଡା ସଂସ୍କୃତ ଭାଷାର ପୁନଃ ଉଜ୍ଜୀବନ, ସନାତନ ସଂସ୍କୃତି ର ପୁନରୁତ୍ଥାନ ଏବଂ ଭାରତର ପୁନଃନିର୍ମାଣ ସଂସ୍କୃତ ଭାରତୀ କିଭଳି କରୁଅଛି ସେ ବିଷୟରେ ସମ୍ୟକ ଧାରଣା ଦେଇଥିଲେ। ଜିଲ୍ଲା ସଂଯୋଜକ ତଥା ଓଏଭି ପଥରଚେପାର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାନ୍ତ ପ୍ରଶିକ୍ଷଣ ପ୍ରମୁଖ ଡ଼ଃ ମାନସ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ। ଏଥିରେ ବିଭିନ୍ନ ମହାବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଭାଗନେଇ ପ୍ରାଚୀନ ଭାରତୀୟ ବିଜ୍ଞାନ ପ୍ରଦର୍ଶନୀ ଦେଖିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂସ୍କୃତ ଭାଷାରେ ଏକପାତ୍ର ଅଭିନୟ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି ସମ୍ମିଳନୀରେ ଡ଼ଃ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ପ୍ରସନ୍ନ ଗଡ଼ତ୍ୟା, ଶ୍ୱେତପଦ୍ମା ତ୍ରିପାଠୀ, ନନ୍ଦଲାଲ ଭୋଇ, ଭବାନୀ ଶଙ୍କର ସାହୁ, ରଞ୍ଜିତ ପାତ୍ରଙ୍କ ଭଳି ଅନେକ ନିଷ୍ଠାବାନ ସମର୍ପିତ କାର୍ଯ୍ୟକର୍ତ୍ତାମାନେ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ବିଶେଷ ସହଯୋଗ କରିଥିଲେ।

# ଉପଖଣ୍ଡସ୍ତରୀୟ କ୍ରେତା-ବିକ୍ରେତା ସମ୍ମିଳନୀ

ଟିଟିଲାଗଡ଼, ୨୧।୧(ସମିସ): ସ୍ଥାନୀୟ ଅଭିମନ୍ୟୁ କଲ୍ୟାଣମଣ୍ଡପ ପରିସରରେ ଅଗ୍ରଣୀ ଅନୁଷ୍ଠାନ ଆଶା, ଓରମାସ ଓ ଜାଡେନ ଫାର୍ମର କମ୍ପାନୀ ମିଳିତ ସହଯୋଗରେ କ୍ରେତାବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟିଟିଲାଗଡ଼, ବଙ୍ଗୋମୁଣ୍ଡା, ସଇଁତଲା ଏବଂ ମୁରିବହାଲ ବ୍ଲକର ବିଭିନ୍ନ ପ୍ରଡ୍ୟୁସର ଗ୍ରୁପ, ସ୍ୱୟଂ ସହାୟକ ଗୋଷ୍ଠୀ, ଫାର୍ମର ଉତ୍ପାଦକ କମ୍ପାନୀ, ସମ୍ବଲ ଶକ୍ତି ଉତ୍ପାଦକ କମ୍ପାନୀ, କୃଷକ ଉନ୍ନୟନ ଉତ୍ପାଦକ କମ୍ପାନୀ ସଦସ୍ୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଓରମାସ ସିଇଓ କମଲେନ୍ଦୁ ପାଲ ଯୋଗଦେଇଥିବା ବେଳେ ଅତିଥି ଭାବରେ ଓରମାସର ବ୍ୟବସାୟ ପ୍ରବନ୍ଧକ ବିଭୂତି ଭୂଷଣ ମିଶ୍ର, ଉଦ୍ୟାନ ଉପ ନିର୍ଦ୍ଦେଶକ ମନବୋଧ ମାଝୀ, ବିଏଲସି ବିକାଶ ସାହୁ, କୃଷି ଉପ ନର୍ଦ୍ଦେଶକ ଅଶ୍ୱିନୀ ରାଉଳ, ବ୍ଲକ କୃଷି ଅଧିକାରୀ ହ୍ରିତିକ ରଥେ ଓ ଆଶା ସମ୍ପାଦକ ସଞ୍ଜୀବ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ କାର୍ଯକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚାଷୀ ଉତ୍ପାଦକ କମ୍ପାନୀ ନିଜ ଉତ୍ପାଦିତ ଦ୍ରବ୍ୟ କିପରି ସଠିକ୍ ମୂଲ୍ୟରେ ବିକ୍ରି କରିପାରିବେ ତାହାକୁ ନେଇ ବିଭାଗୀୟ ଅଧିକାରୀ ବିଭିନ୍ନ ଯୋଜନା ବିଷୟରେ ଅବଗତ କରିଥିଲେ। କାର୍ଯକ୍ରମରେ କାଳିନ୍ଦୀ ରଣା, ମାୟାଧର ଗଡ଼ତ୍ୟା, ଶମ୍ଭୁପ୍ରସାଦ ବେନିଆ, ନୀଳାମ୍ବର ଟାଣି ପ୍ରମୁଖଙ୍କ ସହ ଆଶା ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




## ୧, ୫୩, ୩୬୪ ଅରୁଆ ଚାଉଳରେ ଶ୍ରୀରାମଙ୍କ ଚିତ୍ର



ବଲାଙ୍ଗିର, ୨୧।୧(ସମିସ): ପ୍ରଭୁ ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବକୁ ନେଇ ସାରା ଦେଶରେ ଭକ୍ତିମୟ ପରିବେଶ। ଏପରି ସମୟରେ ପ୍ରଭୁ ରାମଙ୍କ ନିଆରା ପ୍ରତିମୂର୍ତ୍ତି ତିଆରି କରି ଚର୍ଚ୍ଚାରେ ବଲାଙ୍ଗିର ସହର ଗାନ୍ଧିନଗରପଡ଼ାର ସଚ୍ଚିଦାନନ୍ଦ ନାୟକ। ସେ ଏକ ଲକ୍ଷରୁ ଅଧିକ ଅରୁଆ ଚାଉଳରେ ତିଆରି କରିଛନ୍ତି ପ୍ରଭୁ ରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି। ତାଙ୍କର ଏହି କାରିଗରୀ ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ଏହାକୁ ସେ ବଲାଙ୍ଗିର ରାମ ମନ୍ଦିରରେ ତାହା ପ୍ରଦାନ କରିବେ ବୋଲି ସୂଚନା ରହିଛି। ପ୍ରକାଶଥାଉକି ସଚ୍ଚିଦାନନ୍ଦ ୧ ଲକ୍ଷ ୫୩ ହଜାର ୩୬୪ଟି ଅରୁଆ ଚାଉଳରେ ଏହି ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି।

# ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ବଲାଙ୍ଗିର, ୨୧।୧(ସମିସ)

### ପୁଲିସ ହାଇସ୍କୁଲ

ସ୍ଥାନୀୟ ପୁଲିସ ହାଇସ୍କୁଲ ମନୋହରପୁରଠାରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀମାନଙ୍କୁ ଅପରାହ୍ନରେ ଅନୁଷ୍ଠିତ ସଭାରେ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରାଟକେଶରୀ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବରେ ବିଦ୍ୟାଳୟର ପୁରାତନ ପ୍ରଧାନଶିକ୍ଷକ ଯାଜ୍ଞସିନୀ ମିଶ୍ର ଏବଂ ଅତିଥି ଭାବରେ ବିଦ୍ୟାଳୟର ଆଲୁମିନି କମିଟି ସଭାପତି ଗୋବିନ୍ଦ ବହିଦାର, ସମ୍ପାଦକ ଜୟକିଶନ ରଣା, ଉପଦେଷ୍ଟା ଆନନ୍ଦ ଖୁଆସ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଛାତ୍ରଛାତ୍ରୀଙ୍କ ସହ ଅନେକ ଅଭିଭାବକ, ଅଭିଭାବିକା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ପିଲାମାନଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସରୋଜ କୁମାର ମାଝି ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର କର୍ମଚାରୀ ପରୀକ୍ଷିତ ପଣ୍ଡା, କୃଷ୍ଣପ୍ରୀୟା ପଣ୍ଡା, ଶରତ ନାଗ, ବିମଳ ଦନାୟତ ଏବଂ ବିଦ୍ୟାଳୟର ବିଇଡି ଛାତ୍ର ଛାତ୍ରୀମାନେ ସହଯୋଗ କରିଥିଲେ।

### ଭଗବାନ ବିଦ୍ୟାମନ୍ଦିର

**ବଲାଙ୍ଗିର:** ଭଗବାନ ବିଦ୍ୟା ମନ୍ଦିର, ଖୁଜେନପାଲିରେ ପ୍ରଧାନଶିକ୍ଷକ ସୁନିଲ କୁମାର ଯୋଷୀଙ୍କ ସଭାପତିତ୍ୱରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ବଲାଙ୍ଗିର ସହରର ବିଶିଷ୍ଟ ସମାଜସେବୀ ବିକ୍ରମାନନ୍ଦ ବହିଦାର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସଂଗ୍ରାମ କେଶରୀ ବହିଦାର, ସମିତି ସଭ୍ୟା ସୂର୍ଯ୍ୟକାନ୍ତି ସାହୁ, ଭୁପିନ୍ଦ୍ର ପ୍ରସାଦ ସିଂହ ଓ ରମେଶ ଚନ୍ଦ୍ର ମଲ୍ଲିକ ଯୋଗ ଦେଇଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି କ୍ଲବ ଗୁଡିକର କର୍ମଶାଳା ଓ ପ୍ରଦର୍ଶନୀ ପରିଦର୍ଶନ କରିବା ପରେ ଉତ୍ସବକୁ ସମର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପିଲାମାନେ ଆଗାମୀ ଦିନରେ ପ୍ରତ୍ୟେକ କ୍ଷେତ୍ରରେ ଜଣେ ଜଣେ ବିଶିଷ୍ଟ ବ୍ୟକ୍ତିରେ ପରିଣତ ହେବାକୁ ପ୍ରେରଣା ଦେଇଥିଲେ। ଉତ୍ସବର ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରି ଉଚ୍ଛ୍ୱସିତ ପ୍ରଶଂସା କରିବା ସହିତ ସମସ୍ତ କ୍ଲବ ଓ ହାଉସ ଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର କୁମାର ନାଥ। ଅନ୍ୟାନ୍ୟ ସମସ୍ତ ଶିକ୍ଷକ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଛତାପିପଲ ଉଚ୍ଚବିଦ୍ୟାଳୟ

**ବଲାଙ୍ଗିର:** ପୁଇଁତଲା ବ୍ଲକ ଅନ୍ତର୍ଗତ ଛତାପିପଲ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭାଗିରଥି ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବୁବେଲ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ତଥା ପ୍ରବଚକ ଅଶୋକ କୁମାର ମିଶ୍ର ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ସୈରେନ୍ଦ୍ରୀ ମହାକୁର ସମ୍ମାନିତ ଅତିଥି ତଥା ପୂର୍ବତନ ସମ୍ପାଦକ ବସ୍ତ୍ରରାଜ କଲତା, ପରିଚାଳନା କମିଟି ସଦସ୍ୟ ଶୁଶିଲ ପଲତା, ଅନିରୁଦ୍ଧ କରନ ଓ ସୌ÷ଦାମିନୀ ବାରକ ବରେଣ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ବିଦ୍ୟାଳୟର ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳ ଓ କ୍ରୀଡାଙ୍ଗନ କ୍ଲବର ୧୪୨ ଜଣ ଛାତ୍ରଛାତ୍ରୀ ଗଳ୍ପପଠନ, କବିତା ଆବୃତ୍ତି, ପୁସ୍ତକ ସମୀକ୍ଷା, ଜିଜ୍ଞାସା ପ୍ରକଳ୍ପ ପ୍ରସ୍ତୁତି, କୌ÷ଶଳ ପ୍ରକଳ୍ପ ପ୍ରସ୍ତୁତି ତଥା ବର୍ଜ୍ୟବସ୍ତୁକୁ ଉପଯୋଗ କରି ବିଭିନ୍ନ ବସ୍ତୁ ନିର୍ମାଣ ଓ ଏହାର ପରିଚାଳନା ଭଳି ପ୍ରତିଯୋଗିତାରେ ଭାଗ ନେଇ ନିଜ ନିଜ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ କ୍ଲବରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୧୨ ଜଣ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ପୂର୍ବତନ ଛାତ୍ର ଛାତ୍ରୀ କମିଟି, ଅଭିଭାବକ- ଅଭିଭାବିକା କମିଟିର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ପ୍ରକଳ୍ପ ପରିଦର୍ଶନ ତଥା ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରକୃତିବନ୍ଧୁ ଶିକ୍ଷକ ଜୟକୃଷ୍ଣ ନାଏକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଗୋବିନ୍ଦ ଚନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବକୁ ଗୋବିନ୍ଦ ଥାଟି, ଜିବାନନ୍ଦ ଖମାରି, ଲାଲବାହାଦୁର ବାରିକ, ଯୁଧିଷ୍ଠିର ଡାଙ୍ଗ, ଶ୍ରୀପତି ପାତ୍ର, ତିର୍ଥରାଜ ପ୍ରଧାନ, ସୁନାବିର ନାଗ ଓ ପରିଚାଳନା କମିଟିର ସଦସ୍ୟ ସହଯୋଗ କରିଥିଲେ।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ମନହୀରା ଭାଷା ସାହିତ୍ୟ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ନୋଡାଲ ଅଧିକାରୀ ରଞ୍ଜନ କୁମାର ପାଣିଗ୍ରାହୀ, ଇଂରାଜୀ ପ୍ରାଧ୍ୟାପକ ଦୁର୍ବାଦଳ ଘିଭେଲା ଓ ଓଡିଆ ଅଧ୍ୟାପକ ଚିନ୍ମୟୀ ମିଶ୍ର ଜଗନ୍ନାଥ ସଂସ୍କୃତି, ମଣିଷ ଜୀବନ ଜିଇଁବାର ଶୈଳୀ, ସୁସ୍ଥ ଓ ସୁନ୍ଦର ସଂସ୍କୃତିର ପରିଚାୟକ ଓ ଏହାର ମହାନତା ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଶେଷରେ ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପିଇଟି ପ୍ରଶାନ୍ତ କୁମାର ଥନାପତି, ଡିଇଓ ବାଳଶଙ୍କର ମେହେର ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଦେଓଗାଁ ବାଳିକା ଆବାସିକ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ପ୍ରତିଯୋଗିତାରେ ସୁଦାମ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ପରିଚାଳନା କମିଟି ସଭାପତି କୈଳାସ ତାଣ୍ଡି, ମୁଖ୍ୟବକ୍ତା ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ସନତ କୁମାର ରଥ, ସମ୍ମାନୀତ ଅତିଥି ସ୍ଥାନୀୟ ସମିତିସଭ୍ୟା ମୀନା କୁମାରୀ ସା, ସରପଞ୍ଚ ନିନା ଛତ୍ରିଆ, ପେକ୍ସ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ରାଜେନ୍ଦ୍ର ନନ୍ଦ, ଚନ୍ଦ୍ରଚୂଡ ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଶିକ୍ଷକ ପ୍ରଶାନ୍ତ କୁମାର ପାଣ୍ଡେ ଧନ୍ୟବାଦ ଦେଇଥିଲେ। କୁତୁର୍ଲା ଧ୍ରୁବା ଆନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

## ଇନ୍‌ଟାକ୍ ପକ୍ଷରୁ 'ମୋର କୀର୍ତ୍ତି ଅନ୍ୱେଷଣ' ପ୍ରତିଯୋଗିତା

ବଲାଙ୍ଗିର, ୨୧।୧(ସମିସ): ଇନ୍ ଟାକ୍ ବଲାଙ୍ଗିର ଶାଖା ତରଫରୁ ରବିବାର ସ୍ଥାନୀୟ ପି ପି ଏକାଡେମୀଠାରେ ବିଦ୍ୟାଳୟସ୍ତରୀୟ 'ମୋର କୀର୍ତ୍ତି ଅନ୍ୱେଷଣ' ପୋଷ୍ଟର ପେଣ୍ଟିଙ୍ଗ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତଯୋଗିତାରେ ବଲାଙ୍ଗିରର ୭ ଟି ବିଦ୍ୟାଳୟର ୩୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପି.ଏମ.ଶ୍ରୀ. କେନ୍ଦ୍ରୀୟ ବିଦ୍ୟାଳୟ-୨ର ଛାତ୍ରୀ ଅଦ୍ରୀଜା ମିଶ୍ର ପ୍ରଥମ ଓ ଇସିକା ବାଲି ଦ୍ୱିତୀୟ ସ୍ଥାନ ସହିତ କଦମପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରେଶମା ମେହେର ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରତିଯୋଗିତା ଶେଷରେ ଇଣ୍ଟାକ ବଲାଙ୍ଗୀର ଶାଖାର ସଂଯୋଜକ ଡ. ଶିବ ପ୍ରସାଦ ନନ୍ଦଙ୍କ ସଭାପତିତ୍ୱରେ ଏକ ସଭାରେ କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ଇଣ୍ଟାକ ବଲାଙ୍ଗୀର ଶାଖାର ସହ ସଂଯୋଜକ ଶଶିଭୂଷଣ ପୁରୋହିତ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ପ୍ରତିଯୋଗିତାର ଆଭିମୁଖ୍ୟ କହିଥିଲେ। ଏହି ସଭାରେ ବିଚାରକମଣ୍ଡଳୀ ଭାବରେ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ରୁଦ୍ରଦେବ ପ୍ରଧାନ ଓ ମହେନ୍ଦ୍ର ମଲ୍ଲିକ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଇଣ୍ଟାକର ଆଜୀବନ ସଦସ୍ୟ ଡ. ମହେଶ ପଟ୍ଟନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଇଣ୍ଟାକ ବଲାଙ୍ଗୀର ଶାଖାର ଆଜୀବନ ସଦସ୍ୟ ବିଜୟ ପାଣିଗ୍ରାହୀ, ଅସିତ ଷଡ଼ଙ୍ଗୀ, ସଞ୍ଜୀବ ନାଏକ ଓ ଧର୍ମେନ୍ଦ୍ର ନନ୍ଦ ଏହି ଆୟୋଜନରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାର ପ୍ରଥମ ସ୍ଥାନ ଗ୍ରହଣ କରିଥିବା ଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଇଣ୍ଟାକ ବଲାଙ୍ଗୀର ଶାଖା ସଂଯୋଜକ ଡ. ନନ୍ଦ ସୂଚନା ଦେଇଥିଲେ।



## ଗାଁର ମଙ୍ଗଳ ସହ ଭଲ ଚାଷ ପାଇଁ ବିଶ୍ୱାସ

# ଆଦିବାସୀଙ୍କ ମାଟି-ମା' ଧରଣୀ ଯାତ୍ରା

କୋକସରା, ୨୧।୧(ସମିସ)

୨୬ବର୍ଷ ପରେ ଚଳିତବର୍ଷ କୋକସରା ବ୍ଲକ ଛିଲପାମାଲ ଗ୍ରାମରେ ଆଦିବାସୀଙ୍କ କୃଷିଭିତ୍ତିକ ତଥା ବିଶ୍ୱାସର ପର୍ବ ମାଟି ମା'ଙ୍କ ଧରଣୀଯାତ୍ରା ତଥା ଟୋକିପର୍ବ ପାଳିତ ହୋଇଛି। ଡିସେମ୍ବର ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ପର୍ବରେ ଜାନି ଓ ପୂଝାରୀଙ୍କ ଦ୍ୱାରା ଗାଁ ମଝିରେ ଥିବା ମାଟି ଘରେ ମାସେ କାଳ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥିଲା। ୧୯୯୮ରେ ଗାଁରେ ଟୋକିମରା ପର୍ବ ପଡ଼ିଥିଲା। ଟୋକିମରା ପର୍ବର ଅଂଶିକ୍ ପର୍ବ 'ମାଟି ମା'ଙ୍କ ଧରଣୀ ଯାତ୍ରା ପାଇଁ ରବିବାର ଛିଲପାମାଲ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଗ୍ରାମର ଆଦିବାସୀ କନ୍ଧ, ପରଜା, ଜାନି ପୂଜକମାନେ ଏହି ଯାତ୍ରାରେ ସାମିଲ ହୋଇଥିବାବେଳେ ଆଦିବାସୀମାନେ



ହାତରେ ଠେଙ୍ଗା, ବାଡ଼ି, କଣ୍ଡରୀ, ଖଣ୍ଡା ଧରି ନାଚିଉଠି ମସଗୁଲ ହୋଇଥିଲେ। ଶନିବାର ସନ୍ଧ୍ୟାରେ କଦଳୀ ଘରା ମସ୍ତକ ମୁଣ୍ଡନ ହୋଇଥିବାବେଳେ ରାତି ୩ଟା ସମୟରେ ମାଟି ଘରେ ମୁଣ୍ଡା ଖୁଣ୍ଟ ସ୍ଥାପନ ଓ ଭୋର ୪ଟା ସମୟରେ ଧରଣୀ ଖୁଣ୍ଟ ସ୍ଥାପନ ହୋଇଥିଲା। ରବିବାର ଅପରାହ୍ନ ୧୧ଟାରେ ଯୋଗପେନ୍ ଓ ଲିଙ୍ଗଲାଠିକୁ ମାଟି ଘରୁ ଧରଣୀଗୁଡିକୁ ନିଆଯାଇଥିଲା। ଏହାପରେ ମାଟି ଘର ନିକଟରୁ ନିର୍ଦ୍ଧାରିତ ତିଥି ଲଗ୍ନ ଅନୁସାରେ ଆଦିବାସୀ କନ୍ଧ, ପରଜା, ଜାନି ପୂଜକ ମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ପ୍ରଥମେ ଲକ୍ଷ୍ମଣ ପୂଝାରୀଙ୍କ ଘରୁ ବଳୀ ନିମନ୍ତେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ଏକ ପୋଡ଼କୁ ପୂଜାର୍ଚ୍ଚନା ପରେ ଅଗାଦୁ ପୂଝାରୀ ଓ ଗୌନ୍ତିଆ ବଳଭଦ୍ର ପଣ୍ଡାଙ୍କ ଘରକୁ ନିଆଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ଗାଁଠାରୁ ୩କିମି. ଦୂରରେ ଥିବା ଧାରଣୀ ପୀଠକୁ ପାରମ୍ପରିକ ବଜା ବଜାଇ ଅସ୍ତ୍ରଶସ୍ତ୍ର ସହ ଶୋଭାଯାତ୍ରାରେ ପୋଢକୁ ନିଆଯାଇ ସେଠାରେ ବଳୀ ଦିଆଯାଇଥିଲା। ହେଲେ ପୋଡ଼ ବଳୀ ପଡୁଥିବା ଏହି ପର୍ବରେ ଆଦିବାସୀମାନେ ହିଁ ସାମିଲ ହେଉଥିବାବେଳେ କୃଷି ଓ ପରମ୍ପରା ସହିତ ଏହି ପର୍ବର ବେଶ୍ ସାମଞ୍ଜସ୍ୟ ରହିଛି। ଜାନି ଅଗ୍ନି ମାଝୀ ଓ ରାମେଶ୍ୱର ମୁଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଝାରୀ ରାଜମୋହନ ପୁଝାରୀ ଏବଂ ଲକ୍ଷ୍ମଣ ପୁଝାରୀ, କମିଟିର ସଭାପତି ରାଧାକାନ୍ତ ହଂସ, ସମ୍ପାଦକ ସୁଜିତ ଚିନ୍ଦା, କୋଷାଧ୍ୟକ୍ଷ ବଳଦେବ ଭୋଇ, ଉପସଭାପତି ରୁପାଞ୍ଜଳ ପୁଞ୍ଜି, ଶ୍ରୀଧର ମାଝୀ, ପ୍ରବିର ପଣ୍ଡା, ପ୍ରଦୀପ କଟା, ଡମ୍ବରୁଧର ବାଗ, ସୁରେଶ ନାଗ, ପଙ୍କଜ ଠାକୁର, ଅନୁପ ପଣ୍ଡା, ଡମ୍ବରୁଧର ପୁଞ୍ଜି ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଖଣ୍ଡି ଡଙ୍ଗରିଗୁଡ଼ା, ତୋଡ୍ରାଗୁଡ଼ା ଓ ମାଠିଆପଡ଼ାରେ ଟୋକିପର୍ବ ସମ୍ପନ୍ନ

**କଲମପୁର, ୨୧।୧(ସମିସ):** କଲମପୁର ବ୍ଲକ ଅନ୍ତର୍ଗତ ଖଣ୍ଡିଡ଼ଙ୍ଗରୀଗୁଡା, ତୋଡ୍ରାଗୁଡ଼ା ଏବଂ ମାଠିଆପଡାରେ ରବିବାର ଟୋକି ପର୍ବ ଉଦଯାପିତ ହୋଇଯାଇଛି। ପୁରାତନ କାଳରେ ଏହି ପର୍ବରେ ଏକ କୁଆଁରୀ ଝିଅକୁ ବଳି ଦିଆ ଯାଉଥିଲା। ଏବେ ସେସବୁ ବଦଳାଇ କୁଆଁରୀ ଝିଅ ବଦଳରେ ଗଡରା (ମେଣ୍ଢା) ବଳି ଦିଆ ଯାଉଛି। କାର୍ଯ୍ୟ ନିର୍ବାହ କରୁଥିବା ମୁଦ୍ରା ଧରିଆ, ଯୋଗ କରିଆ, ଦିଶାରୀ, ଗୁର୍ମେନ ପ୍ରମୁଖ ଗଡରା (ମେଣ୍ଢା) କୁ ମାଟି ଦେବତା ଗୁଡିରେ ପୂଜା ବିଦ୍ଧି କରାଗଲାପରେ ଗାଁ ଗୁନ୍ତିଆ ଘରୁ ବାହାର କରି ଧାର୍ଣ୍ଣିଖୁଣ୍ଡ ନିକଟକୁ ବହୁ ଜନସମାବେଶରେ ଆଣିଥାନ୍ତି। ଟୋକି ପର୍ବ ଆର ଦିନ ଧାଙ୍ଗରିଦୁଲା ହୋଇଥାଏ। ଏହି କ୍ରମରେ ଖଣ୍ଡିଡଙ୍ଗରିଗୁଡ଼ା ଟୋକି ପର୍ବରେ ଗୁରମେ କମଳା ମାଝୀ, ଦିସାରି ଅର୍ଜୁନ ଦିସାରୀ, ସୁନାସିଂ ମାଝୀ, ପୂଝାରୀ



ଲକ୍ଷ୍ମଣ ମାଝୀ, ଗନ୍ତିଆ ସୁଦର୍ଶନ ମାଝୀ, ଗଣା ଝୁଲପୁ ବାଗ, ରନ୍ଧନିଆଁ ସତ୍ୟରାମ ମାଝୀ ପ୍ରମୁଖ ଟୋକି ପର୍ବ କାର୍ଯ୍ୟରେ ନିଜ ନିଜ ଦାୟିତ୍ୱ ତୁଲାଇଥିବା ବେଳେ କୋଟାଗାଁ ପଞ୍ଚାୟତ ସରପଞ୍ଚ ଚନ୍ଦନ ପଣ୍ଡା, ବ୍ଲକ ଉପାଧକ୍ଷ ଚିନ୍ତାମଣି ବେହେରା ତଥା ଗ୍ରାମର ଗୌତମ ବିହାରୀ, ଅପସିଂ ମାଝୀ, ମିନକେତନ ମାଝୀ, ଲିମେଶ୍ୱର ବାଗ, ନୀଳକଣ୍ଠ ସୁନାନି, ଫକୀର ବାଗ, ମୋହନ ବାଗ, ପବିତ୍ର ବାଗ, ଘେନୁ ବାଗ, ଆର୍ତ୍ତ ବାଗ, ସୁଶାନ୍ତ ବିହାରୀ, ଭଗବାନ ବିହାରୀ, କ୍ଷୀରସିନ୍ଧୁ ବାଗ, ବିରେନ୍ଦ୍ର ମାଝୀ, କ୍ଷେତ୍ର ମୋହନ କୁମାର ତଥା ଗ୍ରାମର ଯୁବଗୋଷ୍ଠୀ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଶାନ୍ତିଶୃଙ୍ଖଳା ସହ ଟୋକିପର୍ବ ପାଳିତ ହୋଇଯାଇଛି।

## ଅଂଶିତା, ଆଞ୍ଚଲ ଓ ସୁହାନି ଚିତ୍ରକଳାରେ ପୁରସ୍କୃତ

**ଭବାନୀପାଟଣା, ୨୧।୧ (ସମିସ):** ବରଗଡ଼ର ଅଗ୍ରଣୀ ଅନୁଷ୍ଠାନ 'ସୁରଭି' ପକ୍ଷରୁ ଆୟୋଜିତ ହୋଇଥିବା ପଶ୍ଚିମାଞ୍ଚଳସ୍ତରୀୟ ଏକ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭବାନୀପାଟଣାର କୁନିକୁନି ଶିଳ୍ପୀମାନେ ତାଙ୍କ ରଙ୍ଗତୁଳୀର କମାଲ ଦେଖାଇ ପୁରସ୍କୃତ ହୋଇଛନ୍ତି। ଭବାନୀପାଟଣାଠାରେ ଥିବା ଶ୍ରୀ ଅରବିନ୍ଦ ଆର୍ଟ ଏଣ୍ଡ କ୍ରାଫ୍ଟ ସ୍କୁଲର ଛାତ୍ରୀ ଅଂଶିତା ସାହୁ, ଆଞ୍ଚଲ ପଣ୍ଡା ଓ ସୁହାନି ପ୍ରଧାନ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ଚିତ୍ର ଆଙ୍କି ପୁରସ୍କୃତ ହୋଇଛନ୍ତି। ବରଗଡଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ର. ସନ୍ତୋଷ ପଣ୍ଡା, ବରିଷ୍ଠ ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣା, ସଭାପତି, ରମାକାନ୍ତ ସିଂହ ସମ୍ପାଦକ ବିନୋଦ ସାହୁ ଉପସ୍ଥିତ ଥିଲା ବେଳେ ଏଥିରେ ବହୁ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କଳାହାଣ୍ଡିର ବରିଷ୍ଠ ଚିତ୍ରଶିଳ୍ପୀ ମୁକୁନ୍ଦ ରେଢ୍ଡିଙ୍କୁ ମଧ୍ୟ 'କଳାଗୁରୁ-୨୦୨୩' ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀ ରେଢ୍ଡି ହେଉଛନ୍ତି କଳାହାଣ୍ଡିର ଜଣେ ବରିଷ୍ଠ ଚିତ୍ରଶିଳ୍ପୀ ତଥା ଜଣେ ଅବସରପ୍ରାପ୍ତ ରାଜ୍ୟ ପୁରସ୍କାର ଲାଭ କରିଥିବା ଲୋକପ୍ରିୟ ଶିକ୍ଷକ।

## ମିଶନ ଶକ୍ତି କମ୍ପ୍ୟୁଟର ତାଲିମ ଉଦ୍‌ଯାପିତ

**ନର୍ଲା,୨୧।୧(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ଭାନପୁର ପଞ୍ଚାୟତ ବାଲିପଡ଼ା ଓଡିଶା କମ୍ପ୍ୟୁଟର ଏକାଡେମୀରେ ୨୬ଟି ପଞ୍ଚାୟତର ଏମବିକେ ମାନଙ୍କୁ ନେଇ ମିଶନ ଶକ୍ତି, ଓକେସିଲ ଏବଂ ଓକା ତରଫରୁ କମ୍ପ୍ୟୁଟର ତାଲିମ ଉଦ୍‌ଯାପିତ ହୋଇଯାଇଛି।



ତାଲିମ କାର୍ଯ୍ୟକ୍ରମରେ ଓଡ଼ିଶା କମ୍ପ୍ୟୁଟର ଏକାଡେମୀର ଅଧ୍ୟକ୍ଷ ନୀତେଶ ସା, ବିପିଏମ୍ ପ୍ରଭାରୀ ସନତ ସାହୁ, ଭାନପୁର ସରପଞ୍ଚ ଅନ୍ତରାମ ମାଝୀ, ପ୍ରଶିକ୍ଷକ ମୁକେଶ ସାହୁ, ଶ୍ରୀକାନ୍ତ ପଧାନ, ମୁକେଶ ସା, ବାଦଲ ଭୋଇ, ସୁନୀଲ ସେଟ୍, ପିଙ୍କୁ ସା, ବିନି ବାରିକ, ବବିତା ମାଝୀ ଉପସ୍ଥିତ ଥିଲେ। ୨୬ ଜଣ ଏମ୍ ବିକେଙ୍କୁ ୨୦ ଦିନ ଧରି ଓ ଏସ୍ ସିଆଇଟି ବିଷୟରେ ତାଲିମ୍ ପ୍ରଦାନ କରାଯିବା ସହ ମିଶନ୍ ଶକ୍ତି ମାଷ୍ଟର ବୁକ୍ ବିଷୟରେ ଟ୍ରେନିଂ ଦିଆଯାଇଛି।

## ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ

**ମ.ରାମପୁର, ୨୧।୧(ସମିସ):** ଧବଳେଶ୍ୱର କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନ ମୋହନଗିରି ୧୯ତମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଶିବ ମନ୍ଦିର



ମଶାଲ ଯାତ୍ରା କରି ଖେଳ ପଡିଆରେ ସ୍ଥାପନ କରି କରାଯାଇଥିଲା। ମୁଖ୍ୟଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ସମେତ ଅନୁଷ୍ଠାନ ସଭାପତି ଶୁକଦେବ ସାହୁ ଉପସଭାପତି ସୂର୍ଯ୍ୟନାରାୟଣ ସାହୁ, ସମ୍ପାଦକ ଲକ୍ଷ୍ମୀକାନ୍ତ ବେହେରା ସହସମ୍ପାଦକ ଦିବାକର ସାହୁ, ସୁନୀଲ ଭୋଇ, ବିଶ୍ୱନାଥ ପୋଡ଼, ଚନ୍ଦ୍ରଭାନୁ ବେହେରା ଓ ଅନୁଷ୍ଠାନ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବଲାଙ୍ଗିର ବନାମ ଫୁଲବାଣୀ ମଧ୍ୟରେ ପ୍ରଥମ ଦିବସ ମ୍ୟାଚରେ ବଲାଙ୍ଗିର ବିଜୟୀ ହୋଇଛି। ମ୍ୟାନ ଅଫ ଦ ମ୍ୟାଚ କ୍ରିଷ୍ଣା ସାହୁଙ୍କୁ ପ୍ରଦାନ କରାଯାଇଥିଲା। ସ୍କୋରର ଦୈତାରି ମାଝୀ, ଭାଷ୍ୟକାର ସ୍ୱପ୍ନେଶ୍ୱର କର୍ମୀ, ଅମ୍ପାୟାର୍ ଦୀପକ ସାହୁ, ଧୀରେନ୍ଦ୍ର ବିଶ୍ୱାଳଙ୍କ ସହ ବାପି ସା, ହୁତେଶ ଧରୁଆ, ଚନ୍ଦ୍ରକାନ୍ତ ମାଝୀ ସହଯୋଗ କରିଥିଲେ। ସୋମବାର ଦ୍ୱିତୀୟ ଦିବସରେ ବରଗଡ଼ ଓ ରାଉରକେଲା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ବୈଠକ




**ଭବାନୀପାଟଣା, ୨୧।୧(ସମିସ):** ଜିଲ୍ଲା ବିଜେଡି କାର୍ଯ୍ୟାଳୟଠାରେ କଳାହାଣ୍ଡି ଆଇନଜୀବୀ ସାମ୍ମୁଖ୍ୟର ଏକ ଜରୁରୀ ବୈଠକ ଅଧ୍ୟକ୍ଷ ହରଜିନ୍ଦର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ଆଇନଜୀବୀ ରାଜକିଶୋର ଆଚାର୍ଯ୍ୟ, ସୁନୀଲ ପାଣିଗ୍ରାହୀ, ପ୍ରମୋଦ ସାହାଣୀ, ଦିବ୍ୟ ବହିଦାର, ଜିଲ୍ଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, କୃତିବାସ ମୁଣ୍ଡ, ଜୟନ୍ତ ମୁଣ୍ଡ, ସୁଧାଂଶୁଶେଖର ସାହୁ, ସଂପୂର୍ଣ୍ଣା ମହାନ୍ତି, ସୁନୀଲ ମୁଣ୍ଡ ପ୍ରମୁଖ ନବୀନ ଓଡିଶା, ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା, ନବୀନସ୍ୱାସ୍ଥ୍ୟ କାର୍ଡ ସୁବିଧା ଉପଲବ୍ଧ କରାଇବା ନେଇ ଏକ କମିଟି ମାଧ୍ୟମରେ ସଚେତନ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଆସନ୍ତା ୨୬ ତାରିଖରେ ଜିଲ୍ଲା କାରାଗାରରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ ପାଇଁ ନିଷ୍ପତ୍ତି ହୋଇଥିଲା।

## କେସିଙ୍ଗାରେ 'ଡିଫାଇନ୍ କଳାହାଣ୍ଡି'ର ସମାବେଶ

**କେସିଙ୍ଗା,୨୧।୧(ସମିସ):** କଳାହାଣ୍ଡି ମାଟି ପବନର ମାଦକତା ନିଆରା ଓ ଏହି ମାଟି ସେବା ମନୋବୃତ୍ତି, ପରୋପକାର ଓ ସହନଶୀଳଗୁଣ ସିଖାଇଥାଏ ବୋଲି କେସିଙ୍ଗାରେ ଆୟୋଜିତ ଡିଫାଇନ୍ କଳାହାଣ୍ଡିର ସମାବେଶରେ ଯୋଗଦେଇ ପ୍ରକାଶ କରିଛନ୍ତି ସମାଜସେବୀ ମଧୁ ମହାନ୍ତି। ରବିବାର ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ସମାଜସେବୀ ମଧୁ ମହାନ୍ତିଙ୍କୁ କେସିଙ୍ଗାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୌରୀଶଙ୍କର ମନ୍ଦିରଠାରୁ ଜଗନ୍ନାଥ ମନ୍ଦିର ପଡ଼ିଆ ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ମା'



ଭଉଣୀ ଓ ଅଞ୍ଚଳର ସଚେତନ ନାଗରିକ ଶ୍ରୀମହାନ୍ତିଙ୍କୁ ପାଛୋଟି ଆଣିଥିଲେ। କଳାହାଣ୍ଡିର ବୀରବାଦ୍ୟ 'ଘୁମୁରା' ଓ ଆଦିବାସୀ ନୃତ୍ୟ, ମହିଳା କୀର୍ତ୍ତନମଣ୍ଡଳୀ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା। ପରେ ଏକ ସାଧାରଣ ସଭାରେ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂରି ଭୂରି ପ୍ରଶଂସା କରି ମୁ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରେଣିତ ବୋଲି କହିଥିଲେ। ଡିଫାଇନ କଳାହାଣ୍ଡିର ସଂଯୋଜକ ଜୟନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## କେସିଙ୍ଗା ମହାବିଦ୍ୟାଳୟରେ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**କେସିଙ୍ଗା, ୨୧।୧(ସମିସ):** କେସିଙ୍ଗା ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ନୂଆ-ଓ ଅନ୍ତର୍ଗତ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତିତ୍ୱ କରୁଥିବା କଲେଜ୍ ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀ ଶ୍ରୀଜଗନ୍ନାଥ ସଂସ୍କୃତି ଓ ସାହିତ୍ୟ ତଥା ଓଡ଼ିଶା ସାହିତ୍ୟର ପ୍ରସାର ପ୍ରଚାର ନିମନ୍ତେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ବେଶ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବରେ କୁଳପତି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସଞ୍ଜୟ ଶତପଥୀ ଏବଂ ଅଧ୍ୟାପକ ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ କେସିଙ୍ଗା ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ପ୍ରଦୀପ ରଥ, ପ୍ରାଧ୍ୟାପକ ପର୍ଶୁରାମ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ବିଜେତା ସମସ୍ତ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। +୨ ସ୍ତରରେ ପ୍ରିୟା ପଣ୍ଡା ଏବଂ ଶ୍ରୀୟା ପଣ୍ଡା ଓ +୩ ସ୍ତରରେ ରୀନା ସାହୁ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ମଞ୍ଚ ପରିଚାଳନା ଅଧ୍ୟାପକ ଡ଼ ରାକେଶ ବିଶି କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରାଧ୍ୟାପକ ଅଶ୍ୱିନୀ ପଟ୍ଟନାୟକ।

## ମୁକ୍ତା ଯୋଜନାରେ କେସିଙ୍ଗା ମହାବିଦ୍ୟାଳୟ ଉନ୍ନତିକରଣ



**କେସିଙ୍ଗା, ୨୧।୧(ସମିସ):** ମୁକ୍ତା ଯୋଜନାରେ ଚଳିତବର୍ଷ କେସିଙ୍ଗା ଏନ୍‌ଏସିକୁ ପ୍ରାୟ ୩ କୋଟି ଟଙ୍କା ଅନୁଦାନ ଅର୍ଥ ମିଳିଥିବା ବେଳେ କେସିଙ୍ଗାର ୧୨ଟି ୱାର୍ଡରେ ଜୋର୍ ସୋରରେ ଚାଲିଛି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ। କେସିଙ୍ଗା ମହାବିଦ୍ୟାଳୟରେ ଖରାବର୍ଷାରେ ଛାତ୍ରଛାତ୍ରୀମାନେ ଝରକା ବାହାରେ ଠିଆ ହୋଇ କଲେଜ ଫିଜ ପୈଠ କରୁଥିଲେ। ଅସୁବିଧାର ସମ୍ମୁଖୀନ ହେଉଥିଲେ। କଲେଜ ଅଧ୍ୟକ୍ଷ ବିଭିନ୍ନ ସମୟରେ ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବଙ୍କୁ ଏହି ବିଷୟ ଉପରେ ଅନୁରୋଧ କରୁଥିଲେ। ଗତକାଲି ଅଧ୍ୟକ୍ଷ ମୁକ୍ତା ଯୋଜନାରେ ୮,୭୫୦୦୦ ହଜାର ଟଙ୍କା ବିନିମୟରେ ଝରକା ବାହାରେ ଏକ ଛାତ ଓ ସୁନ୍ଦର ପେଭର ରାସ୍ତାର ଶୁଭ ଦେଇଛନ୍ତି। ଅଧ୍ୟକ୍ଷ ନିଜ ପ୍ରତିକ୍ରିୟାରେ ଶିକ୍ଷାନୁଷ୍ଠାନର ଉନ୍ନତି ଅଞ୍ଚଳର ଉନ୍ନତି କହି ଆଗାମୀ ଦିନରେ କେସିଙ୍ଗା ଏନ୍‌ଏସିରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ସମସ୍ୟାକୁ ଦୂର କରାଯିବ ବୋଲି କହିଥିଲେ। ଉପ ନଗରପାଳ ସରସ୍ୱତୀ ସାହା, କାଉନସିଲର ପ୍ରେରଣା ନାଏକ, କଲେଜ ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀ, କଲେଜ ପରିଚାଳନା କମିଟି ସଭାପତି ପ୍ରଦୀପ ରଥ, ମୁକ୍ତା ଜେଇ ଜୟପ୍ରକାଶ ବାରିକ, ଅଭିଜିତ ପଟ୍ଟନାୟକ,ମିଥୁନ ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଜ୍ଞା ମେମୋରିଆଲ ଫୁଟବଲ: ଆଜି ପ୍ରଥମ ସେମିଫାଇନାଲ

**ନର୍ଲା,୨୧।୧(ସମିସ):** ପ୍ରତିଷ୍ଠିତ କ୍ରୀଡାବିତ୍ ପ୍ରଜ୍ଞାନନ୍ଦ ନାୟକଙ୍କ ନାମରେ ନାମିତ ପ୍ରଜ୍ଞା ମେମୋରିଆଲ ଫୁଟବଲ ପ୍ରତିଯୋଗିତାର ଉଦଘାଟନୀ ମ୍ୟାଚରେ ମଉଡଇଙ୍ଗ୍ ଦଳ ରାସ୍ତାମାଳଠାରୁ ୨-୧ ଗୋଲରେ ବିଜୟୀ ହୋଇଥିଲେ। ଏସକନ୍ କ୍ଲବର ପ୍ରତିଷ୍ଠାତା ସଂପାଦକ ତଥା ସ୍ୱର୍ଗତ ଝୁନାଙ୍କ ବଡ଼ଭାଇ ପ୍ରଶାନ୍ତ ନାୟକ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଆୟୋଜକଙ୍କୁ ଧନ୍ୟବାଦ ଜଣାଇଥିଲେ। ରବିବାର ଦ୍ୱିତୀୟ ଦିନର ଖେଳରେ ଜୁନାଗଡ଼ ଭଇରିଗୁଡା ଓ କେଶିଙ୍ଗା ବଗାଡ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେଇଥିଲା। ଟାଇବ୍ରେକର୍ ମଧ୍ୟ ଅମୀମାଂସିତ ରହିବା ଯୋଗୁଁ ଆୟୋଜକଙ୍କ ନିଷ୍ପତ୍ତିକ୍ରମେ ଟସ୍ ମାଧ୍ୟମରେ ଜୁନାଗଡ଼ ଭଇରିଗୁଡା ଦଳ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନିତ ହୋଇଥିଲା। ସୋମବାର ଭଇରିଗୁଡା ଦଳ ମୁଡିଙ୍ଗ୍ ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ। ରବିବାର ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ନର୍ଲା ଆଇଆଇସି ଗଙ୍ଗାଧର ମେହେର ମୁଖ୍ୟଅତିଥି ଓ ପୂର୍ବତନ କ୍ରୀଡାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ସରୋଜ ଚାନ୍ଦ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସନ୍ତୋଷ ନାୟକ, ସୁରେଶ ନାଏକ ଓ ବିଶେଶ୍ୱର ପଧାନ ମ୍ୟାଚ ପରିଚାଳନା କରିଥିଲେ।

## ଜମି ସମସ୍ୟା: ନର୍ଲା କୋର୍ଟ ସ୍ଥାପନରେ ଅନିଶ୍ଚିତତା

ନର୍ଲା, ୨୧।୧(ସମିସ)

ପ୍ରଶାସନିକ ନିଷ୍କ୍ରିୟତା ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଉଦାସୀନତା କାରଣରୁ ବହୁ ଦିନର ଦାବି ଜେଏମ୍ଏଫ୍‌ସି କୋର୍ଟ ସ୍ଥାପନ ଅନିଶ୍ଚିତତାରେ ରହିଯାଇଛି। ଅତୀତରେ ନର୍ଲା ବାର ଆସୋସିଏସନ୍ ହାଇକୋର୍ଟଙ୍କୁ ନର୍ଲାରେ କୋର୍ଟ ସ୍ଥାପନକୁ ନେଇ ଅନୁରୋଧ କରିଥିଲା। ଜିଲ୍ଲାପାଳ କଳାହାଣ୍ଡି ତହସିଲଦାରଙ୍କୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦେବା ପରେ ସର୍ଗିଗୁଡା ମୌଜାର ପ୍ଲଟ ନମ୍ବର ୨୨୮ ଓ ଖାତା ନମ୍ବର ୨୨୮, ଏରିଆ ୩ ଏକର ୬୭ ଡିସିମିଲ୍ ଜାଗା ନିର୍ଦ୍ଧାରଣ କରାଯାଇଥିଲା। ଉକ୍ତ ପ୍ଲଟର ଜମି ଚିହ୍ନଟ କରି ସମସ୍ତ ତଥ୍ୟ ପଠାଗଲା ଜିଲ୍ଲା ଜଜ୍ ଓ ଜିଲ୍ଲାପାଳଙ୍କ ଦପ୍ତରକୁ। ସମସ୍ତଙ୍କ ସ୍ୱୀକୃତି ପରେ ଆଲିଏନେସନ୍ କମିଟି ଏହାର ତର୍ଜମା କରିବା ସହ ସଂପୃକ୍ତ ପ୍ଲଟର ପୂର୍ବ ଇତିହାସକୁ ଅନୁଧ୍ୟାନ କରି ଏହାକୁ ରଦ୍ଦ କରି ଦେଇଥିଲା। ନର୍ଲା ବାର୍ ଆସୋସିଏସନ୍ ର ସୂଚନାନୁଯାୟୀ ୨୦୦୫ରେ ଏହି ଜମିର ରେକର୍ଡ ସଂଶୋଧନ ହୋଇ ବର୍ତ୍ତମାନ ଏହା ଉନ୍ନତ କିସମ ଆବାଦଯୋଗ୍ୟ ଜମି ହୋଇଛି। ଏହା ପୂର୍ବରୁ ଏହି ଜମି ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ ଜମି ହୋଇ ରହିଥିଲା। ୧୯୫୫-୫୬ ପୂର୍ବରୁ ଏହି ଜମି ଗୋଚର ଥିଲା ଓ ୧୯୭୬ରେ ଏହା ଜଙ୍ଗଲ ଜମି କେଉଁ ସ୍ୱାର୍ଥରେ ହେଲା କିଏ କାହିଁକି କଲା ତାହାର କୌଣସି ରେକର୍ଡ ମିଳୁନାହିଁ। ଅପରପକ୍ଷରେ ପୂର୍ବ ରେକର୍ଡ ଅନୁଯାୟୀ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଓ ଅବକାରୀ ବିଭାଗ ତରଫରୁ ମିଳିତ ଭାବରେ ୧୯୬୪ ଫେବୃୟାରୀ ୨୫ ତାରିଖରେ ନର୍ଲା ସହରର ମାଷ୍ଟର ପ୍ଲାନ ଓ ନର୍ଲାର ବିକାଶ ପାଇଁ ସଂପୃକ୍ତ ୩ ଏକର ୬୭ ଡେସିମିଲ ଜାଗାକୁ ଆରକ୍ଷଣ ରଖାଯାଇଛି। ୧୯୮୦ରେ ସୁପ୍ରିମକୋର୍ଟଙ୍କ ସିଦ୍ଧାନ୍ତ ଅନୁଯାୟୀ କୌଣସି ଜଙ୍ଗଲ ଜମିର କିସମ୍ ପରିବର୍ତ୍ତନ ହୋଇପାରିବ ନାହିଁ କିମ୍ବା ଏଭଳି ଜମି କାହାକୁ ହସ୍ତାନ୍ତର କରାଯାଇ ପାରିବ ନାହିଁ। ନିର୍ଦ୍ଧାରିତ ଜମିକୁ ରାସ୍ତା ନଥିବା ବେଳେ ନର୍ଲା ବାର୍ ଆସୋସିଏସନ୍ ଅକ୍ଲାନ୍ତ ପରିଶ୍ରମ କରି ୨୪ ଡେସିମିଲ ଜାଗା ଯୋଗାଡ କରିଥିଲା। ସ୍ୱର୍ଗତଃ ଡଃ ସାଧୁରାମ ଅଗ୍ରୱାଲ ଓ ଗିରିଧାରୀ କେଡିଆ ମିଳିତ ୨୪ ଡେସିମିଲ ଜାଗା ଦାନ କରିଥିବା ବେଳେ ଏହା ସରକାରଙ୍କୁ ହସ୍ତାନ୍ତର କରାଯାଇଛି ଓ ରାସ୍ତା ମଧ୍ୟ ହୋଇ ସାରିଛି। ଉକ୍ତ ଜମି ସମସ୍ତ କ୍ଷେତ୍ରରେ ପ୍ରଜୁଜ୍ୟ ଅଟେ କୋର୍ଟ ସ୍ଥାପନ ପାଇଁ। ରାଜରାସ୍ତାରୁ ସାମାନ୍ୟ ଦୂରତାରେ ରହିଛି ଏହି ଜମି। ଯଦି ଏହି ଜମିରେ କୋର୍ଟ ସ୍ଥାପନ ହୁଅନ୍ତା ତାହେଲେ ସମସ୍ତଙ୍କ ପାଇଁ ସହଜ ଓ ସୁଲଭ ହୋଇଥାନ୍ତା। ଅନ୍ୟ ଏକ ସ୍ଥାନ ଚପଟଖଣ୍ଡାରେ ଏହି କୋର୍ଟ ସ୍ଥାପନ ପାଇଁ ସ୍ଥାନ ନିର୍ଦ୍ଧାରିତ ହୋଇଥିବା ଶୁଣାଯାଉଛି। ତେବେ ଚପଟଖଣ୍ଡାରେ ଏହା ସ୍ଥାପନ କରାଗଲେ ଗରିବ, ତଳତଳିଆ ଲୋକଙ୍କ ପାଇଁ ଯେଉଁ ଦୁଃଖକୁ ସେହି ଦୁଃଖ ହୋଇ ରହିବ ବୋଲି ମତ ପ୍ରକାଶ ପାଉଛି। କାରଣ ଚପଟଖଣ୍ଡାକୁ ସାଧାରଣ ଲୋକଟିଏ ଯିବାକୁ ହେଲେ ବହୁ ଖର୍ଚ୍ଚ ସହିବାକୁ ପଡିବ ଓ ଯାତାୟତରେ ଲୋକେ ବହୁ ହଇରାଣ ହେବାର ସୂଚନା ମିଳୁଛି। ରାଜ୍ୟ ସରକାର ନିଜେ ଆଇନର ସୁବନ୍ଦୋବସ୍ତ କଲେ ଓ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ କୋର୍ଟ ସ୍ଥାପନ କଲେ ନର୍ଲାବାସୀ ଉପକୃତ ହେବେ ବୋଲି ଜନମତ ରହିଛି।



■ ତୃତୀୟ ଗନ୍ଧରାଡ଼ି ଲୋକକଳା ମହୋତ୍ସବ

# ଶୁଭସ୍ତମ୍ଭ ସ୍ଥାପନ ଓ ସ୍ଥାୟୀ ମଣ୍ଡପ ଉଦ୍‌ଘାଟିତ

**ଜହ୍ନାପଙ୍କ, ୨୧।୧(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତି ହାଇସ୍କୁଲ ପଡିଆରେ ତୃତୀୟ ଗନ୍ଧରାଡ଼ି ଲୋକକଳା ମହୋତ୍ସବ ପାଇଁ ଶୁଭ ଖମ୍ବ ସ୍ଥାପନ ଓ ସ୍ଥାୟୀ ମଣ୍ଡପର ଶୁଭ ଉଦ୍‌ଘାଟନ ଜଙ୍ଗଲ ପରିବେଶ, ପାନୀୟ ଜଳଯୋଗାଣ, ପଞ୍ଚାୟତିରାଜ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ଦ୍ୱାରା ହୋଇଯାଇଛି। ପୂଜାରେ କର୍ତ୍ତା ଭାବେ ଅଶୋକ ସାହୁ ଓ ତାଙ୍କ ଧର୍ମପତ୍ନୀ କଳ୍ପନାରାଣୀ ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ସୁଶୀଲ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲେ। ଗନ୍ଧରାଡ଼ି ଲୋକକଳା ମହୋତ୍ସବ କମିଟିର ସଭାପତି ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶ୍ରୀ ଅମାତ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ୬ ନଂ ଜିଲ୍ଲା ପରିଷଦ ସଭ୍ୟା କଳ୍ପନାରାଣୀ ସାହୁ, ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ସରପଞ୍ଚ ଭାରତୀ ପୁରୋହିତ,



ବୌଦ୍ଧ ଜିଲ୍ଲା ସରପଞ୍ଚ ସଙ୍ଘ ସଭାପତି ଅରୁଣ ବାଘ, ମୁଣ୍ଡାପଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ଗନ୍ଧରାଡ଼ି କଲେଜ ଅଧ୍ୟକ୍ଷ ପ୍ରଭାତ ଶତପଥୀ, ଜଗତି ଗାଁ ଗୌନ୍ତିଆ ଜୟଦେବ କଲତା, ଜିଲ୍ଲା ସାମ୍ବାଦିକ ସଙ୍ଘର ସଭାପତି ଶଶାଙ୍କ ଶେଖର ମିଶ୍ର, ସମାଜସେବୀ ଚେତାରାମ ପଟ୍ଟନାୟକ ଯୋଗ ଦେଇଥିଲେ। ଆଗାମୀ ଦିନରେ ଗନ୍ଧରାଡ଼ି ଲୋକକଳା ମହୋତ୍ସବ ଜିଲ୍ଲାରେ ସର୍ବଶ୍ରେଷ୍ଠ ମହୋତ୍ସବ ହେବ ବୋଲି ଶ୍ରୀ ଅମାତ ତାଙ୍କ ବକ୍ତବ୍ୟରେ କହିଥିଲେ। କମିଟି ସହ ସମ୍ପାଦକ ସ୍ୱାଧୀନ ପ୍ରଧାନ ଅତିଥି ପରିଚୟ ପ୍ରଦାନ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶମ୍ଭୁ ଗିରି ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ମନୋରଞ୍ଜନ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କମିଟିର ସମସ୍ତ ସଦସ୍ୟ ଓ ଜଗତି ଗ୍ରାମବାସୀ ସହଯୋଗ କରିଥିଲେ।

# ସରିଲା ପୁରନ୍ଦର ସ୍ମାରକୀ ନାଟ୍ ମହୋତ୍ସବ

**ସୋନପୁର, ୨୧।୧ (ସମିସ)**

ସୁବର୍ଣ୍ଣପୁରର ରୟାଲ ପଡିଆ ମୁକ୍ତମଞ୍ଚରେ ଚାଲିଥିବା ପୁରନ୍ଦର ସ୍ମାରକୀ ରାଜ୍ୟସ୍ତରୀୟ ନାଟ୍ ମହୋତ୍ସବ ରବିବାର ଉଦଯାପିତ ହୋଇଯାଇଛି। ତୃତୀୟ ଦିନରେ ତିନୋଟି କୋଶଲି/ସମ୍ବଲପୁରୀ ନାଟକ ପରିବେଷିତ ହୋଇଛି । କେରାପଦର, ବୋଡ଼େନ, ନୂଆପଡାର ଜ୍ଞାନୋଦୟ ନାଟ୍ୟ ଅନୁଷ୍ଠାନର ନାଟ୍ୟକାର କେଶ ରଞ୍ଜନ ପ୍ରଧାନ ଓ ରବିଶଙ୍କର ପ୍ରଧାନ ନିର୍ଦ୍ଦେଶିତ ନାଟ୍ 'ମଧୁବିଦ୍ୟା', ଦ୍ୱିତୀୟ ନାଟକ ଶ୍ରୀ କଲଚରାଲ ଆସୋସିଏସନ୍ ସମ୍ବଲପୁର ନାଟ୍ୟକାର ଓ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରାଙ୍କ ନାଟ୍ 'ସଃ' ଓ ତୃତୀୟ ନାଟ୍ ପଦମପୁରର ଅବର୍ଣ୍ଣୀଗୁଣ୍ଡା ନାଟ୍ୟ ଅନୁଷ୍ଠାନ ମର ନାଟ୍ୟକାର ଅଶୋକ ବହିଦାର ଓ ନିର୍ଦ୍ଦେଶକ ବିଶ୍ରାମ ମେହେରଙ୍କ 'ଟିକଟ' ନାଟକ ପ୍ରଦର୍ଶିତ ହୋଇଥିଲା। ପ୍ରଥମ ନାଟ୍ ସଃରେ କେବଳ ମଣିଷଙ୍କୁ ନୁହେଁ ସମସ୍ତ ଜୀବଯନ୍ତୁଙ୍କୁ ଭଲପାଇବା ଉପରେ ପର୍ଯ୍ୟବେସିତ। ଦ୍ୱିତୀୟ ନାଟକ ମଧୁବିଦ୍ୟା ଏକ ଆଧାମ୍ବିକ ମିଥ୍ ଉପରେ ପର୍ଯ୍ୟବେସିତ। କୌଣସି ବି ବିଦ୍ୟା ଲୁକ୍କାୟିତ ନରହି ସାର୍ବଜନୀନ କରିବା





**ଶେଷ ସଂଧ୍ୟାରେ ତିନୋଟି ନାଟକ ପରିବେଷିତ**

ଉପରେ ଗୁରୁତ୍ୱାରୋପ କରିବା ସହ ଯାହା ଲୋକହିତରେ ମଙ୍ଗଳ ହେବ ତାହା ସର୍ବୋପରି ଯା ବିଦ୍ୟା ସାବିମୁକ୍ତୟେ ର ଭାବନା ପ୍ରଦାନ କରିଥିଲା। ତୃତୀୟ ନାଟକ ଟିକଟ୍ ସାଂପ୍ରତିକ ପରିସ୍ଥିତିରେ ରାଜନୀତି ଯେପରି ପରିବାରବାଦ ଆଡକୁ ସଂପୂର୍ଣ୍ଣ ଭାବେ ଢଳିଯାଇ ନୂତନ ଯୁବ ପ୍ରତିଭା ମାନଙ୍କୁ ସୁଯୋଗ ଦେବାରେ ବାଟ ଓଗାଳୁଛି ଯା ଫଳରେ ସମାଜରେ ସନ୍ତୁଳନର ଅଭାବ ରହି ସଠିକ ନେତୃତ୍ୱର ଅଭାବ ଅନୁଭୁତ ହେଉଛି ତାହାହିଁ ନିଖୁଣ ଭାବରେ ଦର୍ଶାଇଛନ୍ତି ନାଟ୍ୟକାର। ସମସ୍ତ ନାଟକକୁ ନାଟ୍ୟପ୍ରେମୀ ଦର୍ଶକ ଢେର। ପୁରନ୍ଦର ନାଟ ମହୋତ୍ସବର ଅଧ୍ୟକ୍ଷ ଅରବିନ୍ଦ ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଅନ୍ୟତମ ଅତିଥି ସିନେ ଅଭିନେତା ମନୋଜ ମିଶ୍ର, ବିଶିଷ୍ଟ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଜନମୁରା ସରପଞ୍ଚ ଦମୟନ୍ତୀ ବାରିକ ଯୋଗ ଦେଇଥିଲେ। ପୁରନ୍ଦର ସ୍ମୃତି କମିଟିର ସଂଯୋଜକ ନାଟ୍ୟଶ୍ରୀ ଗଦାଧର ବାରିକଙ୍କ ସଭାକୁ ସଂଯୋଜନା କରିଥିବା ବେଳେ ସଂପାଦକ ଦିଲୀପ ପାତ୍ର, ଆନନ୍ଦ ବାରିକ,ସାନନ୍ଦ ବାରିକ, ଅଶୋକ ଜେନା, ନିଶାନ୍ତ ମହାନ୍ତି, ଜଗନ୍ନାଥ ଧରୁଆ, ଦେବାଶିଷ ପଟ୍ଟନାୟକ ଓ ଶିବ ଯୋଶୀ ପ୍ରମୁଖ ସହଯୋଗ କରିଥିଲେ।

## ଜମିବାଡ଼ିକୁ କେନ୍ଦ୍ରକରି ଆକ୍ରମଣ ଘଟଣା: ୪ ଗିରଫ

**ଟାରିଛକ, ୨୧।୧(ସମିସ):** ହରଭଙ୍ଗା ଥାନା ଅନ୍ତର୍ଗତ ସଂକୁଲେଇ ବାଙ୍କର୍ଜୁନଠାରେ ଥିବା ଏକ ଫାର୍ମ ହାଉସ ଜମି ବାଡିକୁ କେନ୍ଦ୍ରକରି ସେଠାରେ କାମକରୁଥିବା ଶ୍ରମିକଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମାମଲାରେ ଶନିବାର ନରେଶ ନାଏକ, ସୂର୍ଯ୍ୟକାନ୍ତି, ଅଷ୍ଟମୀ ନାଏକ ଏବଂ ରବିବାର ସମ୍ବାରୁ ଘିବିଲାକୁ ଗିରଫ କରାଯାଇଛି। ଗତ ୧୬ ତାରିଖ ଉକ୍ତ ଫାର୍ମ ହାଉସରେ ଗୌରୀ ବେହେରା ଏବଂ ଅନ୍ୟମାନେ କାମକରୁଥିବାବେଳେ ଜମିବିବାଦକୁ ନେଇ ନରେଶ ନାଏକ, ସୁରେଶ ନାଏକ, ଅଷ୍ଟମୀ ନାଏକ ଓ ଅନ୍ୟମାନେ ଗୌରୀଙ୍କୁ ସେଠାରେ କାମକରିବାକୁ ବାରଣ କରିଥିଲେ। ଏହାକୁ ନେଇ କଥା କଟାକଟି ପରେ ଗୌରୀଙ୍କୁ ଟାଙ୍ଗିଆରେ ଆକ୍ରମଣ ଫଳରେ ତାଙ୍କ ହାତ କ୍ଷତାକ୍ତ ହୋଇଥିଲା। ଏନେଇ ଗୌରୀ ବେହେରା ହରଭଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ସନ୍ତୋଷ ହାତୀ ହତ୍ୟାକାଣ୍ଡ: ୬ କୋର୍ଟ ଚାଲାଣ

**ତରଭା,୨୧।୧(ସମିସ):** ତରଭା ଥାନା ଅନ୍ତର୍ଗତ ମେଣ୍ଡା ଗ୍ରାମରେ ସଙ୍ଗଠିତ ଦଳିତ ଯୁବକ ସନ୍ତୋଷ ହାତୀ (୪୨)ହତ୍ୟାକାଣ୍ଡରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ତରଭା ପୁଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଏସଡିପିଓ ପ୍ରତାପଚନ୍ଦ୍ର ତ୍ରିପାଠୀଙ୍କ ସୂଚନାନୁଯାୟୀ, ମୃତ ସନ୍ତୋଷ ହାତୀ ଏବଂ ମୁଖ୍ୟ ଅଭିଯୁକ୍ତ ରାଜେଶ ରଣା(୨୩) ମଧ୍ୟରେ ପୂର୍ବ ଶତ୍ରୁତା ରହିଥିଲା। ଶନିବାର ଗ୍ରାମର ଖାରୀ ବନ୍ଧଠାରେ ଉଭୟଙ୍କ ମଧ୍ୟରେ ହାତାହାତି ହୋଇଥିଲା। ରାଜେଶ ରଣା ଏକ କ୍ରିକେଟ ବ୍ୟାଟରେ ମୁଣ୍ଡରେ ପିଟି ଦେବାରୁ ଘଟଣାସ୍ଥଳରେ ହିଁ ସନ୍ତୋଷର ମୃତ୍ୟୁ ହୋଇଯାଇଥିଲା। ତରଭା ପୁଲିସ ଏହି ଘଟଣାରେ ସଂପୃକ୍ତ ରାଜେଶ ରଣା (୨୩), ଶିବ ରଣା (୩୫), ପ୍ରଦୀପ ରଣା(୪୪), ଯୁଗେଶ୍ୱର ରଣା (୬୪), ଯୋଗେନ୍ଦ୍ର ରଣା (୬୦)ଓ ବୃଷଭ ରଣା(୩୨) ଙ୍କୁ ଗିରଫ କରିଛି। ଘଟଣାକୁ ନେଇ ଦଳିତ ବସ୍ତିରେ ଉତ୍ତେଜନା ଲାଗି ରହିବା ସହ ପଡ଼ାବାସୀ ମେଣ୍ଡା ଫାଣ୍ଡିକୁ ଘେରଉ କରିଥିଲେ। ଏବେ ବି ସେଠାରେ ଉତ୍ତେଜନା ଜାରି ରହିଥିବାରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି।

# ୨୪ରେ ବୌଦ୍ଧ, ୨୯ରେ ସୋନପୁର ଆସିବେ ରାଜ୍ୟପାଳ

**ବୌଦ୍ଧ/ସୋନପୁର, ୨୧।୧(ସମିସ):** ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ଆସନ୍ତା ଜାନୁଆରୀ ୨୪ ତାରିଖରେ ବୌଦ୍ଧ ଗସ୍ତରେ ଆସୁଥିବା ଜଣାପଡିଛି। ରାଜ୍ୟପାଳ ୨୪ ତାରିଖ ସକାଳ ୯ ଘଣ୍ଟା ୩୦ ମିନିଟରେ ବୌଦ୍ଧ ସର୍କିଟ ହାଉସଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ଅଙ୍ଗନବାଡି କର୍ମୀ ଏବଂ ଅଭିଭାବକଙ୍କ ସହ ପୋଷଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ପରିଦର୍ଶନ କରି ହିତାଧିକାରୀଙ୍କ ସହ ଆଲୋଚନା କରିବେ। ଜିଲ୍ଲାର ଅଗ୍ରଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ସହିତ ଆଲୋଚନା କରିବେ। ଗ୍ରାମୀଣ ଡାକ୍ତରଖାନା ପରିଦର୍ଶନ କରି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ରୋଗୀଙ୍କ ସହ ଆଲୋଚନା କରିବେ। କୃଷକ ଗୋଷ୍ଠୀ ସହିତ ଆଲୋଚନା କରିବେ। ସେହିପରି ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ ଏବଂ ଯେକୌଣସି ଏକ ମନ୍ଦିର ଦର୍ଶନ କରିବେ। ରାଜ୍ୟପାଳଙ୍କ ଆଗାମୀ ଗସ୍ତ ଉପଲକ୍ଷେ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମାରିଆନୋସ ମିଞ୍ଜ, ଉପ ଜିଲ୍ଲାପାଳ ରବିନ୍ଦ୍ରନାଥ କହଁରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ।

ସେହିପରି ଜାନୁଆରୀ ୨୯ ତାରିଖରେ ଦିନିକିଆ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ରାଜ୍ୟପାଳ ରଘୁବର ଦାସ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ ସହ ଅଭିଭାବକ ଏବଂ ଅଙ୍ଗନବାଡି କର୍ମୀଙ୍କ ସହ ପୋଷଣ ଯୋଜନା ସମ୍ପର୍କରେ ଆଲୋଚନା କରିବେ। ଏହାପରେ ପ୍ରଧାମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ସହ ରାଜ୍ୟପାଳ ଆଲୋଚନା କରିବେ। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସହ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏକ ସ୍କୁଲ ଗସ୍ତ କରି ରାଜ୍ୟପାଳ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ କଥାବାର୍ତ୍ତା କରିବେ। ପରେ ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ଦର୍ଶନ କରି ଅପରାହ୍ନ ସାଢେ ୪ଟାରେ ଭୁବନେଶ୍ୱର ଫେରି ଯିବାର କାର୍ଯ୍ୟକ୍ରମ ରହିଛି।

ଶ୍ରମିକଙ୍କ ତାମିଲନାଡୁରେ ମୃତ୍ୟୁ

## ପ୍ରଶାସନ ଓ ମନ୍ତ୍ରୀଙ୍କ ସହଯୋଗରେ ଫେରିଲା ଶବ

**ଡୁଙ୍ଗୁରିପାଲି, ୨୧।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ କପାସିରା ଗ୍ରାମର ରଘୁ ଛତିଙ୍କ ପୁଅ ନୃପତି ଛତି (୩୬) ଦୀର୍ଘ ବର୍ଷ ହେବ ତାମିଲନାଡୁର ଏକ ଘରୋଇ କମ୍ପାନୀ ଏସ୍କେଲ ସୋରର୍ସି କମ୍ପାନୀର ୟୁନିଟ ୩ର ପ୍ରଡକ୍ସନ ବିଭାଗର ଚେକର ଭାବରେ କାମ କରି ଆସୁଥିଲେ। ଗତକାଲି ସେ ରହୁଥିବା କ୍ୱାର୍ଟର୍ସରୁ ତାଙ୍କ ମୃତଦେହ ମିଳିଥିଲା। ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ଖବର ପାଇ ମୃତକଙ୍କ ଗ୍ରାମରେ ପହଞ୍ଚି



ପରିବାର ସହିତ ଆଲୋଚନା କରିଥିଲେ। ପରିବାରଙ୍କୁ କିଛି ଆର୍ଥିକ ସାହାଯ୍ୟ କରିଥିଲେ। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଝାରୀଙ୍କ ସହଯୋଗରେ ଶବ ଆଣିବାକୁ ସେଠାରେ କାମ କରୁଥିବା ଯୁବକମାନଙ୍କ ସହିତ ଯୋଗାଯୋଗ କରି ମୃତକଙ୍କୁ ଡାକ୍ତରଖାନା ଆଣିଥିଲେ। ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ମରଶରୀରକୁ ନେଇ ବାହାରିଥିବା ଓ ପ୍ରଶାସନକୁ ମଧ୍ୟ ଏ ସଂପର୍କରେ ଜଣାଇଦିଆଯାଇଛି ବୋଲି ସେ ପ୍ରକାଶ କରିଥିଲେ। ମୃତ ନୃପତୀ ଅବିବାହିତ ରହିଥିବାବେଳେ ତାଙ୍କ ବାପାମା'ଙ୍କ ସହିତ ବଡଭାଇ ରହିଛନ୍ତି। ସେ ଜଣେ ଦୃଷ୍ଟିବାଧିତ ଦିବ୍ୟାଙ୍ଗ। ପରିବାର ପ୍ରତିପୋଷଣ ପାଇଁ ଗାଁ ଭିଟାମାଟି ଛାଡି ସୁଦ୍ଧର ତାମିଲନାଡୁ ଯାଇଥିବା ବେଳେ ପରିବାରର ଏକମାତ୍ର ରୋଜଗାରିଆ ପୁଅ ଶବ ହୋଇ ଫେରିବା ପରିବାରର ମୁଣ୍ଡରେ ଚଡ଼କ ପଡିଯାଇଛି ।

## ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥକୁ ସ୍ୱାଗତ

**ବୌଦ୍ଧ, ୨୧।୧(ସମିସ):** ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ରଥକୁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ ସ୍ୱାଗତ କରିଥିଲେ। ଉପଜିଲ୍ଲାପାଳ ରବିନ୍ଦ୍ରନାଥ କହଁର, ଏନଏସି ନିର୍ବାହୀ ଅଧିକାରୀ ଅଶୋକ ବେହେରା ଉପସ୍ଥିତ ଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପଡିଆରେ ଏହି ଅବସରରେ ୧୦ଟି ଷ୍ଟଲ ଖୋଲାଯାଇ କେନ୍ଦ୍ର ସରକାରଙ୍କ ସହରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଶ୍ୱକର୍ମା ଯୋଜନା ଭଳି ବିଭିନ୍ନ ଜନହିତକରୀ ଯୋଜନା ବିଷୟରେ ଲୋକଙ୍କୁ ବୁଝାଯାଇଥିଲା। ଜିଲ୍ଲାର ବୁଦ୍ଧିଜୀବୀ ଅଚ୍ୟୁତାନନ୍ଦ ମିଶ୍ରଙ୍କ ସହିତ ଜିଲ୍ଲା ବିଜେପି ସଭାପତି ବିପ୍ରଚରଣ ମହାନ୍ତି, ମନୋରଞ୍ଜନ ଦାସ, ତାପସ କୁମାର ପଟ୍ଟନାୟକ ରାଜକୁମାର ମେହେର, ମାଗୁଣି ଗାଇଗୌରିଆ, ସନିଆ ସାହୁ, ଶମ୍ଭୁ ପ୍ରଧାନ, ବିଶି କେଶନ ପ୍ରଧାନଙ୍କ ସହିତ ୧୭ଟି ୱାର୍ଡର ଜନସାଧାରଣ ଓ ହିତାଧିକାରୀ ଉପସ୍ଥିତ ଥିଲେ।

## ମନମୁଣ୍ଡାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା

**ମନମୁଣ୍ଡା, ୨୧।୧(ସମିସ):** ମନମୁଣ୍ଡାରେ ପ୍ରଭୁ ଶ୍ରୀରାମଙ୍କ ସ୍ନାନ ଶୟନ ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନମୁଣ୍ଡା ଶ୍ରୀ ସୁବର୍ଣ୍ଣମେରୁ ପ୍ରାଙ୍ଗଣରେ ଶ୍ରୀରାମ ଭକ୍ତ କାର୍ତିକେଶ୍ୱର୍ ମହାପାତ୍ର ଏବଂ ତାଙ୍କ ପତ୍ନୀ ମିନାକ୍ଷୀଙ୍କ ସୌଜନ୍ୟରେ ନିର୍ମିତ ଭବ୍ୟ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପ୍ରସିଦ୍ଧ ଅଯୋଧା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଯାୟୀ ଯଥା ସମ୍ଭବ କରାଯାଉଛି। କାର୍ତିକେଶ୍ୱର୍ ସପତ୍ନିକ କର୍ତ୍ତା ରହିଥିବାବେଳେ ଗଞ୍ଜାମ ଜିଲ୍ଲା ଦିଗାପଡ଼ା ଶାସନ ର ପଣ୍ଡିତ ପ୍ରବୀର ଶ୍ରୀକୈଳାଶ ଚନ୍ଦ୍ର ରଥଶର୍ମାଙ୍କ ପୌରହିତ୍ୟରେ ସହଯୋଗୀ ବିଶିଷ୍ଟ ମାନ୍ୟଗଣ୍ୟ ପଣ୍ଡିତ ଦିଗପଡ଼ା ଶାସନର ସମୀର ଶତପଥୀ, ସିମାଞ୍ଚଳ ହୋତା ଶର୍ମା,ସତ୍ୟନାରାୟଣ ଶତପଥୀ, କୁନାକର ଶର୍ମା ପ୍ରମୁଖଙ୍କ ଦ୍ୱାରା ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ନବ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ କରାଯାଉଛି।



# ଆଲୋକ ସ୍ମାରକୀ ବ୍ୟାଡମିଣ୍ଟନ: ରୋଶନ ଓ ସ୍ୱସ୍ତିକ ଯୋଡ଼ି ଚାମ୍ପିଅନ

**ତରଭା, ୨୧।୧(ସମିସ):** ତରଭା ଅଞ୍ଚଳର ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳି ସ୍ୱର୍ଗତ ଆଲୋକ କୁମାର ସାହୁଙ୍କ ସ୍ମୃତିରେ ଚାଲିଥିବା ନବମ ଆଲୋକ ମେମୋରିଏଲ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ବଲାଙ୍ଗିରର ରୋଶନ ଓ ସ୍ୱସ୍ତିକଙ୍କ ଯୋଡି ତରଭାର ହରି ଓ ଦିନେଶଙ୍କ ଯୋଡିକୁ ୨୧-୧୦ ଓ ୨୧-୧୯ ସେଟରେ ପରାସ୍ତ କରି ୨୦୨୪ର ଚାମ୍ପିଅନ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଫାୟାର ଅଫିସର ଅନୀଲ ମିଶ୍ର ମୁଖ୍ୟଅତିଥି ଭାବେ ବିଜେତା ବଲାଙ୍ଗିର ଯୋଡ଼ିଙ୍କୁ ନଗଦ ୮ ହଜାର ସହ ଟ୍ରଫି ଓ



ଉପବିଜେତା ତରଭା ଯୋଡ଼ିଙ୍କୁ ନଗଦ ୫ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। ସଭାପତି ସୁନୀଲ ଝାଝରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ପ୍ରାରମ୍ଭରେରେ ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ, ଉପନଗରପାଳ ଗଗନ ଅଗ୍ରୱାଲ, ଅଗ୍ନିଶମ ଅଧିକାରୀ ଅନିଲ ମିଶ୍ର, ପ୍ରଯୋଜକ ଆକାଶ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ନକଆଉଟ ପ୍ରତିଯୋଗିତାରେ ମୋଟ ୪୫ଟି ଦଳ ଯୋଗ ଦେଇଥିଲେ। ପ୍ରବୀଣ ପଣ୍ଡା, ସୁଦିପ ମହାଣା, ସଂଜୀବ ସାହୁ ପରିଚାଳନା କରିଥିବା ବେଳେ ପରେଶ ମେହେର, ସୁରେନ୍ଦ୍ର ମେହେର, ରାଜେନ୍ଦ୍ର ଅଧିକାରୀ, ମନିଷଦେବ ସାହୁ, ସୋନୁ ମେହେର, ହିରଣ୍ମୟ ପଟ୍ଟନାୟକ, ଅମିତ ଅଗ୍ରୱାଲ, ଅଭିଷେକ ଅଗ୍ରୱାଲ, ଶୁଭମ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଖଲିଆପାଲି ମାଘମେଳା ପାଇଁ ଶୁଭସ୍ତମ୍ଭ

**ସୋନପୁର, ୨୧।୧ (ସମିସ):** ସନ୍ଥକବି ଭୀମଭୋଇଙ୍କ ସମାଧି ପୀଠ ଖଲିଆପାଲି ମାଘମେଳା ପାଇଁ ଶୁଭସ୍ତମ୍ଭ ସ୍ଥାପିତ ହୋଇଛି। ସାଧୁସନ୍ଥ ଏବଂ ମାଘମେଳା କମିଟି ସଦସ୍ୟଙ୍କ ଉପସ୍ଥିତିରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଶୁଭ ସ୍ତମ୍ଭ ସ୍ଥାପନ କରାଯାଇଛି। ଅଶୋକ ବଡମାଲି, ମୁନା ଦାନୀ, ଜୟନାରାୟଣ ପୂଜାରୀ, ଚନ୍ଦନ ମହାନ୍ତି, ମହାଦେବ ବଗର୍ତ୍ତୀ, କାର୍ତ୍ତିକ ଭୋଇ, ବିଭୂତି ନେଗୀ, ଅଷ୍ଟମ ମେହେର, ଚୈତନ୍ୟ ସାହୁ, ମିଲୁ ବଗର୍ତ୍ତୀ, ସତ୍ୟସମ୍ଭମ ପୂଜାରୀ, ମହେନ୍ଦ୍ର ବଗର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଫେବ୍ରୁଆରୀ ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ଖଲିଆପାଲିଠାରେ ପ୍ରସିଦ୍ଧ ମାଘମେଳା ଅନୁଷ୍ଠିତ ହେବ। ମୀନାବଜାର ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ବ୍ଲକ୍‌ସ୍ତରୀୟ ମା' ଭୈରବୀ କପ୍ କ୍ରିକେଟ

**ହରଭଙ୍ଗା, ୨୧।୧(ସମିସ):** ପୁରୁଣାକଟକ ଭୈରବୀ କ୍ଲବ ଆନୁକୂଲ୍ୟରେ ଶନିବାର ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା ତେଲଗୁ ଚଳଚିତ୍ର ଅଭିନେତା ଜଳନ୍ଧର ବେହେରା, ଭୈରବୀ କ୍ଲବର ସଭାପତି ଅକ୍ରୁର ସେଠୀ, ଜର୍ଣ୍ଣାଲିଷ୍ଟ ଆସୋସିଏସନ ହରଭଙ୍ଗା ବ୍ଲକ ସଭାପତି ବନମାଳୀ ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ରବିବାର ଦ୍ୱିତୀୟ ଦିନ ଖେଳର ପ୍ରଥମ ମ୍ୟାଚରେ ଅଡ଼େନିଗାଡ ମେଡିକାଲ ଟିମ ଓ ସରଧାପୁର ମଧ୍ୟରେ ଅଡ଼େନିଗଡବିଜୟୀ ହୋଇଛି। ଦ୍ୱିତୀୟ ଖେଳରେ ବିଡିପିଏଲ ଓ ଯାଜପୁର ଦଳ ମଧ୍ୟରେ ବିଡିପିଏଲ ବିଜୟୀ ହୋଇଛି। ଅତିଥି ଭାବେ ଉଦ୍ୟାନ କୃଷି ଅଧିକାରୀ ଜ୍ଞାନରଞ୍ଜନ ଦିଗାଲ, କ୍ଲବ ସଭାପତି ଅକ୍ରୂର ସେଠୀ, ମନୋଜ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ।





# ବିଭିନ୍ନ ସ୍ଥାନରେ ଟୋକିମରା ପର୍ବ ସମ୍ପନ୍ନ

**ଲାଞ୍ଜିଗଡ/ଥୁ. ରାମପୁର, ୨୧।୧ (ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକର ଦୁର୍ଗମ ଅଞ୍ଚଳ କନ୍ଧବୋରି ଗାଁର ଆଦିବାସୀଙ୍କ ଦ୍ୱାରା ଏହି ପର୍ବ ପାଳିତ ହୋଇଯାଇଛି। ପର୍ବ ପାଳନ କରାଯିବା ପୂର୍ବରୁ ଗାଁ ଗୌନ୍ତିଆ ଗୋବିନ୍ଦ ମାଝୀ ବିଭିନ୍ନ ଅଂଚଳରୁ ଜାନୀମାନଙ୍କୁ ନିମନ୍ତ୍ରଣ କରିଥିଲେ। ନିମନ୍ତ୍ରିତ ୭ ଜଣ ଜାନୀ ପୂଜାର ଦିନକ ଆଗରୁ ଆସି ଧରଣୀ ଗୁଡ଼ିରେ ଧୂପ ଦୀପ ଜାଳିବା ସହ ଧରଣୀ ଦେବୀ ତଥା ପାର୍ଶ୍ୱ ଦେବତାମାନଙ୍କୁ କୁଇ ଭାଷାରେ ମନ୍ତ୍ର ଉଚ୍ଚାରଣ କରି ଅହୋରାତ୍ର ଆବାହନ କରିଥିଲେ। ଏହି ପୂଜାରେ ଜାନୀ ବାୟା ମାଝୀ, ପୁଙ୍ଗୁରି ମାଝୀ, ଚନ୍ଦ୍ର ମାଝୀ, ସମ୍ବା ମାଝୀ, ରଷି ମାଝୀ, ଶୁକ୍ରୁ ମାଝୀ ପ୍ରମୁଖ ପୂଜାର୍ଚ୍ଚନାରେ ସାମିଲ ଥିବାବେଳେ ଲାଞ୍ଜିଗଡ ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କାନକୁଟରୁ ସମିତି ସଭ୍ୟ ମନୋହର ହରପାଲ, ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି କୈଳାସ ସାହୁ, କୋଷାଧକ୍ଷ ପରେଶ କୁମାର ନାୟକ, ସଦସ୍ୟ ଧର୍ମେନ୍ଦ୍ର ପଣ୍ଡା, ରମେଶ ନାୟକ ପ୍ରମୁଖ ଉପସ୍ଥିତ ରହି ଧରଣୀ ଦେବୀଙ୍କ ଆଶୀର୍ବାଦ ଲାଭ କରିଥିଲେ। କାନକୁଟ୍ରୁ ସରପଞ୍ଚ ବନମାଳି ମାଝୀଙ୍କ ନେତୃତ୍ୱରେ କନ୍ଧବୋରି ଗ୍ରାମବାସୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଥୁଆମୂଳ ରାମପୁର ବ୍ଲକରେ ଟୋକିମରା ପରବ୍ ବା ପୁଷ୍ ପରବ୍ ପୌଷ ମାସ ଅନ୍ତିମ ରବିବାର ପାଳିତ ହୋଇଯାଇଛି। ସଦର ମହକୁମା ସମେତ ବାଗଡିଆଣି ପଞ୍ଚାୟତର ଏଲ୍ ଜାମୁଗୁଡା, ତଳଝାପି ପଞ୍ଚାୟତର ତଳଝାପି, ଗୁଣପୁର ପଞ୍ଚାୟତର କିରିକିଚା ଏବଂ କାଠଘରା, ତଲାମପଦର ପଞ୍ଚାୟତର ତୁଣ୍ଡାମୁଇ, କାଣିଗୁମା ପଞ୍ଚାୟତର କରାଙ୍ଗ, ପାଡେପଦର ପଞ୍ଚାୟତର ଖମାରପଦର, ସିନ୍ଧିପଦର ପଞ୍ଚାୟତର କନ୍ଦାଝାପି, ଏବଂ ଗୋପାଳପୁର ପଞ୍ଚାୟତର ତୁନାପାରି ଗାଁରେ ଏହି ପର୍ବ ପାଳିତ ହୋଇଯାଇଛି। ସ୍ଥାନୀୟ ପୂଜା କମିଟି, ସ୍ଥାନୀୟ ଯୁବ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହଯୋଗ ରହିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ତଥା ସୁରକ୍ଷା କର୍ମୀ ମୁତୟନ ଥିଲେ।

## ଫାଲଗୁନୀ ପୂଝାରୀ ସ୍ମାରକୀ କ୍ରିକେଟ: ବୃନ୍ଦାବାହାଲ ଚାମ୍ପିଅନ

**ଧର୍ମଗଡ, ୨୧।୧ (ସମିସ):** ଧର୍ମଗଡ ବ୍ଲକ ଅନ୍ତର୍ଗତ ରାଜ ମୋଟେର ଗ୍ରାମ ଠାରେ ଚାଲିଥିବା ଫାଲଗୁନୀ ପୂଝାରୀ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳ ବୃନ୍ଦାବାହାଲ ଓ ମାଝୀପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୃନ୍ଦାବାହାଲ ଦଳ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ବିନିମୟରେ ୧୬୧ ରନ କରିଥିଲେ। ଜବାବରେ ମାଝୀପଡ଼ା ଦଳ ମାତ୍ର ୮୫ ରନ କରିବାକୁ ସମର୍ଥ ହୋଇଥିଲେ। ରାହୁଲ ପୂଝାରୀ ଓ ରାଜେନ୍ଦ୍ର ପୂଝାରୀ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସମାଜସେବୀ ଘନଶ୍ୟାମ ଅଗ୍ରୱାଲ, ଛିଲିପା ସରପଞ୍ଚ ବିଭୂଦତ୍ତ ପ୍ରଧାନୀ, ନରୋତ୍ତମ ପୂଝାରୀ, ପରେଶ୍ୱର ପୂଝାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କମିଟି ସଭାପତି ଲକି ପୂଝାରୀ, ସମ୍ପାଦକ ଉଛବ ପୂଝାରୀ, ନୀଳାଚଳ ବାଗ, ସୁରେନ୍ଦ୍ର ପୂଝାରୀ, ସାରଙ୍ଗଧର ପୂଝାରୀ, ଧବଳେଶ୍ୱର ପୂଝାରୀ ଓ ଅନ୍ୟମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



## ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର

**କୋକସରା, ୨୧।୧(ସମିସ):** ୨୬ ନମ୍ବର ଜାତୀୟ ରାଜପଥରକୋକସରା ବ୍ଲକକାଉଡୋଲା ଡୁମେରବନ୍ଧ ନିକଟରେ ରବିବାର ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣା ହୋଇଛି। ଦୁର୍ଘଟଣାରେ ବାଇକ ଆରୋହୀ ସହ ଦୁଇ ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି। ସେମାନେ ହେଲେ ବଡପୋଡାଗୁଡା ପଞ୍ଚାୟତ ରଏନଗୁଡା ଗ୍ରାମର ବିମଳ ରଣା(୩୫) ଓ ମିନିକେତନ ନାଏକ(୩୮) ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଡ଼ାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ପରେ ଉଭୟଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରିଥିବା ଜଣାପଡିଛି।

## ଏବେ ବି ଖୋଜା ପଡୁଛି ଆହାର କେନ୍ଦ୍ର !

**ଭବାନୀପାଟଣା, ୨୧।୧ (ସମିସ):** ଗରିବ ଓ ମେହନତି ତଥା ଅସହାୟ ବ୍ୟକ୍ତିବିଶେଷଙ୍କୁ ପାଞ୍ଚ ଟଙ୍କାରେ ପେଟପୂରା ଖାଦ୍ୟ ଯୋଗାଇଦେବାକୁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଆହାର ଯୋଜନା। ସହରାଞ୍ଚଳ ସମେତ ରେଳଷ୍ଟେସନ, ବସଷ୍ଟାଣ୍ଡ ଓ ହସ୍ପିଟାଲଗୁଡିକରେ ଏଥିପାଇଁ ଖୋଲାଯାଇଛି ଆହାର କେନ୍ଦ୍ର। ଏହି କେନ୍ଦ୍ର ଜରିଆରେ ଲକ୍ଷଲକ୍ଷ ଗରିବ ଓ ଶ୍ରମିକ ବର୍ଗର ଲୋକେ ମାତ୍ର ପାଞ୍ଚଟଙ୍କାରେ ସୁଲଭ ସୁବିଧା ପାଉଛନ୍ତି। ରାଜ୍ୟ ସରକାରଙ୍କ ଏହି ମହତ୍ ଉଦ୍ଦେଶ୍ୟ ଏବେ ବି କଳାହାଣ୍ଡି ଜିଲ୍ଲାରେ ବାଟବଣା ହେଉଥିବା ଲକ୍ଷ୍ୟ କରାଯାଇଛି। ଭବାନୀପାଟଣାରେ ଦ୍ୱିତୀୟ ଆହାର କେନ୍ଦ୍ର ସମେତ ମ.ରାମପୁର ବସଷ୍ଟାଣ୍ଡ, ନର୍ଲା ବସଷ୍ଟାଣ୍ଡ ଓ ଲାଞ୍ଜିଗଡସ୍ଥିତ ବେଦାନ୍ତ ଲିମିଟେଡ ମୁଖ୍ୟ ଫାଟକ ସାମ୍ନାରେ ଆହାର କେନ୍ଦ୍ରର ଅତ୍ୟନ୍ତ ଆବଶ୍ୟକତା ରହିଛି। ତେବେ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ ଆହାର କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ ସରକାର ଆଗାମୀ ଦିନରେ ଏହି ସ୍ଥାନଗୁଡିକୁ ନେଇ ବିଚାର ଆଲୋଚନା କରାଯାଉ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

## ୧୦୬ କରସେବକ ସମ୍ବର୍ଦ୍ଧିତ

**ନୂଆପଡା,୨୧।୧(ସମିସ):** ୧୯୯୦/୯୨ ମସିହାରେ ନୂଆପଡା ଜିଲ୍ଲାରୁ କର ସେବକ ଭାବରେ ଅଯୋଧ୍ୟା ଗସ୍ତ କରିଥିବା ସେବକ ତଥା ତାଙ୍କ ପରିବାର ବର୍ଗଙ୍କୁ ମରଣୋତ୍ତର ସମ୍ବର୍ଦ୍ଧିତ କରାଯାଇଛି। ରବିବାର ସ୍ଥାନୀୟ ଯୋଗେଶ୍ୱର ବରିଷ୍ଠ ନାଗରିକ ସଂଘ ତରଫରୁ ଏହା କରାଯାଇଛି। ମଞ୍ଚର ସଭାପତି କ୍ଷୀରୋଦ ନିବାସ ପଣ୍ଡା ସଭାପତିତ୍ୱ କରିଥିବାବେଳେ ପ୍ରସନ୍ନ ପାଢ଼ୀ ମୁଖ୍ୟଅତିଥି, ବିଶେଷ ଅତିଥି ଭାବେ ସୁରଭି ପଣ୍ଡା, ପ୍ରମୋଦିନୀ ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବରିଷ୍ଠ ନାଗରିକ ବିଭୂତି ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ୧୦୬ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ କରସେବକମାନେ ଯୋଗ ଦେଇଥିଲେ। ସଙ୍ଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ନୂଆପଡ଼ା ଜିଲ୍ଲା ସିଟି ପ୍ରାଥମିକ ଶିକ୍ଷକ ସଂଘର ବୈଠକ

**ନୂଆପଡ଼ା,୨୧।୧(ସମିସ):** ନୂଆପଡ଼ା ଜିଲ୍ଲା ସିଟି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ରବିବାର ନୂଆପଡ଼ା ବ୍ଲକରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସିଟି ଶିକ୍ଷକ ସଂଘ ଜିଲ୍ଲା ସଭାପତି ଅମିଲାଲ ଶବର ସଭାପତିତ୍ୱ କରିଥିବାବେଳେ ଏହି ବୈଠକରେ ଜିଲ୍ଲାର ସିଟି ଶିକ୍ଷକ ସଂଘ ପକ୍ଷରୁ ୪୨ ଶହ ଗ୍ରେଟ୍ ପେ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସିଟି ସଂଘର ଟିକେଶ୍ୱର ମାଝୀ, ବୈଷ୍ଣବ ଭୋଇ, ମାୟାରାମ କେଉଁଟ, ରତିରାମ ମାଝୀ, ରାଜକିଶୋର ଭୋଇ, ହେମଦାସ ମାନିକପୁରୀ, ଜଗଦିଶ ମାଝୀ, ହରକରାମ ଜରିଜନ, ଘାସିରାମ ଜାଳ, ଦିବାକର ବାଗ, ମିଥିଳେଶ୍ୱର ମାଝୀ, ବଲରାଜ ହରିଜନ, ହନୁ ଶବର, ରମାକାନ୍ତ ମିଶ୍ର, କବିର ରାଉତ ସଂ ସମସ୍ତ ସିଟି ଶିକ୍ଷକ ଉପସ୍ଥିତି ଥିଲେ।



କୋଟାଗାଁ ମାଁ ମାଉଲି କ୍ରିକେଟ

## କୋଟାଗାଁ ଓ ଚକୁଲି ଫାଇନାଲରେ

**କଲମପୁର, ୨୧।୧ (ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ କୋଟାଗାଁ ମାଁ ମାଉଲୀ କ୍ରିକେଟ କମିଟି ଆନୁକୂଲ୍ୟରେ ଚାଲିଥିବା ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ଏବଂ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। କୋଟାଗାଁ ଏବଂ ଚକୁଲି ଦଳ ଆସନ୍ତା ୨୩ ତାରିଖ ଫାଇନାଲ ଖେଳିବାକୁ ସ୍ଥିର ହୋଇଛି। ପ୍ରଥମ ସେମିଫାଇନାଲକୁ ଲଳିତ ବାଗ ଓ ଅଶୋକ କାଣ୍ଡ ପରିଚାଳନା କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲକୁ କମିଟିର କର୍ଣ୍ଣ କର ଏବଂ ଦୁର୍ବାଦଳ ବେହେରା ପରିଚାଳନା କରିଥିଲେ। ସ୍କୋରର ଭାବରେ ଅଖିଳ ଗହିର ଦାୟିତ୍ୱ ନିର୍ବାହ କରିଥିଲେ। ମଣ୍ଟୁ ପାଳ ଧାରାବିବରଣୀ ପ୍ରଦାନ କରୁଥିବା ବେଳେ କମିଟିର ଦୂର୍ବାଦଳ ବେହେରା, କର୍ଣ୍ଣ କର, ଦେବେନ୍ଦ୍ର ଗହିର, ରଞ୍ଜନ ସତନାମୀ, କୈଳାସ ପାଳ, ହରିଶ୍ଚନ୍ଦ୍ର ପାଳ, ପବିତ୍ର କାଣ୍ଡ ତଥା ସମସ୍ତ ଯୁବଗୋଷ୍ଠୀ ସହଯୋଗ କରିଛନ୍ତି।

## 'ତପସ୍ୱିନୀ' ପକ୍ଷରୁ କଳାହାଣ୍ଡି ଲେଖିକା ସଂଘ ସମ୍ମାନିତ

**ଭବାନୀପାଟଣା, ୨୧।୧ (ସମିସ):** କଳାହାଣ୍ଡି ମାତୃଶକ୍ତି ସମ୍ମିଳନୀ 'ତପସ୍ୱିନୀ' ପକ୍ଷରୁ ଭବାନୀପାଟଣା ଟାଉନ ହଲଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା ଏବଂ ଏହି ଅବସରରେ କଳାହାଣ୍ଡି ଲେଖିକା ସଂଘକୁ ସାହିତ୍ୟ କ୍ଷେତ୍ରରେ ସମାଜକୁ ବାର୍ତ୍ତା ଯୋଗାଇ ନାରୀ ସଚେତନତା ସୃଷ୍ଟି କରିପାରୁଥିବା ସହ ବିଭିନ୍ନ କ୍ଷେତ୍ରରେ ପ୍ରତିବର୍ଷ ନାରୀଙ୍କୁ ସମ୍ମାନିତ କରୁଥିବା ଦୃଷ୍ଟିରୁ ସମ୍ମାନିତ କରାଯାଇଥିଲା। ସାରା ଓଡ଼ିଶାର ନାରୀ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥାଏ କଳାହାଣ୍ଡି ଲେଖିକା ସଂଘର ବାର୍ଷିକ ମୁଖପତ୍ର 'କଳ୍ପିତା'। ଏହି ଅବସରରେ ଲେଖିକା ସଂଘ ସଭାପତି ସୁଦେଷ୍ଣା ପଣ୍ଡା, ସଂପାଦିକା କଳ୍ପନା ରଥ, ସହ ସଂପାଦିକା ମିନତି ପ୍ରଧାନ, ଯୁଗ୍ମ ସମ୍ପାଦିକା ଦୀପ୍ତି ମୁଣ୍ଡ, କୋଷାଧ୍ୟକ୍ଷା ସବିତା ଶତପଥୀ କାର୍ଯ୍ୟକାରିଣୀ ସଦସ୍ୟା ବନଶ୍ରୀ ଦାସ, ନାହେଦା ଶାହୀନ, ସ୍ୱର୍ଣ୍ଣକାନ୍ତି ବୈକାର, ସବିତା ଦାସ, କବିତା ମୁଣ୍ଡ, ଆନନ୍ଦିନୀ ପାତ୍ର, ବାସନ୍ତୀ ସାହୁ, ସ୍ନେହଲତା ଷଡଙ୍ଗୀ, ପ୍ରେମଶିଳା ବେହେରା, କାଜଳ ମହାରଣା, ଅର୍ଚ୍ଚନା ମିଶ୍ର ପ୍ରମୁଖ ସମ୍ମାନ ଗ୍ରହଣ କରିଥିଲେ।

## ଜୟପାଟଣା ବ୍ଲକ ସାମ୍ବାଦିକ ସଂଘର କର୍ମକର୍ତ୍ତା ଚୟନ

**ଜୟପାଟଣା, ୨୧।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ କାର୍ଯ୍ୟରତ ସାମ୍ବାଦିକ ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ ପୋଡ଼ାଗୁଡା ଆମ୍ବତୋଟା ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭେଜିଗୁଡା ସରପଞ୍ଚ ଯଦୁମଣି ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ବନେର ଗ୍ରାମପଞ୍ଚାୟତ ସମିତିସଭ୍ୟ ଅନନ୍ତ ପଟ୍ଟନାୟକ, ସର୍ଗିଗୁଡା ସମିତିସଭ୍ୟ ଗୋବିନ୍ଦ ମୁଣ୍ଡ ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଭାକର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସର୍ବସମ୍ମତିକ୍ରମେ ଦିଲୀପ ରାଉତଙ୍କୁ କାର୍ଯ୍ୟରତ ସାମ୍ବାଦିକ ସଂଘର ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ପ୍ରଭାକର ପଟ୍ଟନାୟକ, ତୁଳସୀରାମ ଛତ୍ରିଆ, ସମ୍ପାଦକ ଭାବେ ଗୋଲାପ ସାହୁ, ସହ ସମ୍ପାଦକ ସୁଶୀଲ ନାଏକ, ରଶ୍ମିରଞ୍ଜନ ଠାକୁର, କୋଷାଧ୍ୟକ୍ଷ ଚିତ୍ରସେନ ବାଗ ଏବଂ ଲିଗାଲ ଏଡ଼ଭାଇଜର ଭାବେ ଆଇନଜୀବୀ ନିହାର ବେହେରା ଓ ଉପଦେଷ୍ଟା କମିଟିରେ ଆଇନଜୀବୀ ତଥା ସାମ୍ବାଦିକ ପ୍ରବୀର ଭରଦ୍ୱାଜଙ୍କୁ ମନୋନୀତ କରାଯାଇଛି। ସାମ୍ବାଦିକ ରମେଶ ବେହେରା, ହେମନ୍ତ ନାଏକ, ସୁବୋଧ ରଣା, ଏମଡି ଇଲାହି, ସୁଶୀଲ ଧ. ମାଝୀ, ନିକୁଞ୍ଜ ଚଲାନ, ଜୀବନକନ୍ଦ ପାନ,କେଦାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




## ବୋଡ଼େନ ବ୍ଲକ୍ ଯାଦବ ସମାଜ ସମ୍ମିଳନୀ

**ନୂଆପଡା/ବୋଡ଼େନ, ୨୧।୧(ସମିସ):** ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ୍ ଫରସରା ପଞ୍ଚାୟତ ଆମ୍ବଗୁଡ଼ା ଗ୍ରାମ ରାଜମାଉଲ୍ ଦେବୀ ଗୁଡିଠାରେ ବ୍ଲକସ୍ତରୀୟ ଯାଦବ ସମାଜ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ରାଜକିଶୋର ହେର୍ଣ୍ଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ମୁଖ୍ୟବକ୍ତା ଭାବେ ଉତ୍କଳ ଯାଦବ ମହାସଭା ମହାସଚିବ ଲମ୍ବୋଦର ନିଆଲ, ବିଶିଷ୍ଟ ଅତିଥିଭାବେ ଜିଲ୍ଲା ଯାଦବ ସମାଜ ସଭାପତି ଭରତ ଲାଲ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ତ୍ରିନାଥ ପୁଞ୍ଜି, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ସଭପତି ହରେରାମ କଠାର, ପର୍ଶୁରାମ ନିଆଲ୍, ମାଲଖମ ନାଗ, ଟଙ୍କଧର ନିଆଲ, ଚକ୍ରଧର ଗଉଡ, ଜିଲ୍ଲା ଉପସଭାପତି ଚଞ୍ଚଳ ସଗରିଆ, ସୁରେଶ ବାଗ, ସିନାପାଲି ବ୍ଲକ ସଭାପତି ଲିଙ୍ଗରାଜ ଘିଭେଲା, ଖଡ଼ିଆଳ ବ୍ଲକ ସଭାପତି କିର୍ତନ ପୋଡ଼, କୋମନା ବ୍ଲକ ସଭାପତି ପବିତ୍ର ପୋଡ଼, ନୂଆପଡ଼ା ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଖର୍ସେଲ, ପୂର୍ବତନ୍ ବୋଡ଼େନ ବ୍ଲକ ସଭାପତି ବେଦବ୍ୟାସ ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ସମାଜର ରୀତିନୀତି, ସାମାଜିକ ବିଧି ବ୍ୟବସ୍ଥା ଉପରେ ବିଷଦ ଭାବରେ ଆଲୋଚନା ହୋଇଥିବାବେଳେ ଆଗକୁ କିପରି ସମାଜ ସଂଗଠନକୁ ମଜବୁତ କରାଯିବ ସେ ଉପରେ ମଧ ସମୀକ୍ଷା କରାଯାଇଥିଲା। ଆଗାମୀ ଦିନରେ ସମ୍ବିଧାନ ସଂଶୋଧନ କ୍ଷେତ୍ରରେ କଣ ସବୁ ପଦକ୍ଷେପ ନିଆଯିବ ସେ ସବୁ ଉପରେ ସମସ୍ତେ ମତ ବ୍ୟକ୍ତ କରିଥିଲେ। ୧୫ଟି କେନ୍ଦ୍ରର ସଭାପତି ଯୋଗଦେଇଥିଲା ବେଳେ ନୂଆପଡ଼ା ଜିଲ୍ଲାର ପାଞ୍ଚଟି ବ୍ଲକ୍ ଓ ତିନି ଗୋଟି ଏନଏସି ନେଇ ଜିଲ୍ଲା ଯାଦବ ସମାଜ ଗଠିତ ହୋଇଥିବା ସୂଚନା ଦିଆଯାଇଥିଲଶ। ଆମ୍ବଗୁଡ଼ା କେନ୍ଦ୍ର ପୂର୍ବତନ ସଭାପତି ଈଶ୍ୱର କାଣ୍ଡ, ଗଙ୍ଗାଧର ବାଗ, ଖିତିରାଜ୍ ନିଆଲ୍, ଗୌତମ ନିଆଲ, ହେରମ୍ବ ବାଗ, ଭୁବନ ନିଆଲ, ହରି ବାଗ ସତ୍ୟ ହେର୍ନା, ମକାରୁ ବାଗ, ଭଜମନ ବାଗ, ନାରାୟଣ ବାଗ, ଆମ୍ବଗୁଡ଼ା ଗାର ସମସ୍ତ କର୍ମକର୍ତ୍ତା ସହ ମାତୃମଣ୍ଡଳୀ ସହଯୋଗ କରିଥିଲେ। ବ୍ଲକ୍ ସମ୍ପାଦକ ମାଧବ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



## ହାତୀବନ୍ଧା ହାଇସ୍କୁଲରେ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ

**ସିନାପାଲି, ୨୧।୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଭୁବନେଶ୍ୱର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ସରପଞ୍ଚ ଜୟନ୍ତୀ ବେହେରା ଓ ସମ୍ମାନିତ ଅତିଥି ଭାବରେ ସମିତିସଭ୍ୟ ସଞ୍ଜୟ ମାଝି, ପୂର୍ବତନ ପ୍ରଧାନଶିକ୍ଷକ ପର୍ଶୁରାମ ମେହେର, ପ୍ରମୋଦ ପଣ୍ଡା, ପୂର୍ବତନ କିରାଣି ହନୁମାନ ବେହେରା, ବରିଷ୍ଠ ଶିକ୍ଷକ କମଳ ପ୍ରସାଦ ମିଶ୍ର, ଆଲୁମନି ପ୍ରେସିଡେଣ୍ଟ ରମେଶ ମେହେର ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ହିମାଦ୍ରୀ ମେହେର ମଞ୍ଚ ପରିଚାଳନା କରିଥିଲେ। ଅତିଥି ମାନେ ବେଷ୍ଟ ହାଉସ ଭାବରେ ଉଦନ୍ତୀ ହାଉସକୁ ପୁରସ୍କୃତ କରିଥିଲେ। କୌଶଳି କ୍ଲବ ମେଣ୍ଟର ରୂପେଶ ମେହେର, ସାହିତ୍ୟ ସୃଜନୀ ମେଣ୍ଟର ମନୋଜ ମାଝୀ, କ୍ରୀଡାଙ୍ଗନ କ୍ଲବ ମେଣ୍ଟର ଅନୀଲ ମେହେର, ଜିଜ୍ଞାସା କ୍ଲବ ମେଣ୍ଟର୍ ସୁବାସ ମେହେରଙ୍କ ସହ ଚନ୍ଦ୍ରମଣି ମେହେର, ପ୍ରିତିଶ ପ୍ରଧାନ, ନିପେନ୍ଦ୍ର ବାଗ, ନିଗମାନନ୍ଦ ମିଶ୍ର, ବୈଷ୍ଣବ ମେହେର, ଲକ୍ଷ୍ମୀକାନ୍ତ ମେହେର, ଜଗଦୀଶ ମେହେର ସହଯୋଗ କରିଥିଲେ।




## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ମ.ରାମପୁର, ୨୧।୧(ସମିସ):** ମ.ରାମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ଅଶ୍ୱିନୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୀମାଞ୍ଚଳ ମିଶ୍ର, ସମ୍ମାନିତ ଅତିଥି ଭାବେ ଡମ୍ବରୁଧର କର୍ମୀ, ସବ୍ୟସାଚୀ ବେହେରା ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ଡ. କିଶୋରଚନ୍ଦ୍ର ତ୍ରିପାଠୀ ପରିଚୟ କରିଥିବା ବେଳେ ସମ୍ପାଦକ ରଜନୀକାନ୍ତ ମହାଖୁଡ ବାର୍ଷିକ ବିବରଣୀ ପଠନ କରିଥିଲେ। ଉପସଭାପତି ଅଶୋକ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଭାଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ଶିଶୁ ଭାଇ ଭଉଣୀମାନେ ଅନେକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମାତୃ ଭାରତୀ, ପୂର୍ବ ଛାତ୍ର, ଅଭିଭାବକ/ଅଭିଭାବିକା, ଗୁରୁଜୀ/ଗୁରୁମାଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ସୁଚାରୁରୂପେ ସଂପନ୍ନ ହୋଇଛି।




## ଧର୍ମଗଡ ବ୍ଲକ ଯାଦବ ମହାସଭାର ବୈଠକ

**ଧର୍ମଗଡ, ୨୧।୧ (ସମିସ):** ଧର୍ମଗଡ ବ୍ଲକ ଯାଦବ ମହାସଭାର ସାଂଗଠନିକ ବୈଠକ ଶ୍ରୀରାମପୁରସ୍ଥିତ ଶ୍ରୀକୃଷ୍ଣ ସଂସ୍କାର କେନ୍ଦ୍ରରେ ଅନୁଷ୍ଠିତ ହୋଇ ଯାଇଛି। ଅଭ୍ୟର୍ଥନା କମିଟି ସଭାପତି ସୁରେଶ ଭଇସାଲ ସଭାପତିତ୍ୱ କରିଥିଲେ। ବ୍ଲକ କମିଟି ସଭାପତି ଶଙ୍କର ପ୍ରସାଦ ଯୁଏଡ ଓ ସମ୍ପାଦକ ପତିରାମ ହଂସ ଏହି ବୈଠକରେ ଅନୁପସ୍ଥିତ ରହି ଥିବାରୁ ନୂତନ କମିଟି ଗଠନକୁ ଆସନ୍ତା ୨୮ ତାରିଖ ବୈଠକ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ବୈଠକରେ ଡମ୍ବରୁଧର ଲହଜଲ, ଧନୁ ଗୋପାଲ, ଅରକ୍ଷିତ ଭଇସାଲ, ପ୍ରମୋଦ ହଂସ, ରାଇଧର ଚଣ୍ଡୀ, ଶଙ୍କର ପ୍ରସାଦ ଚଣ୍ଡୀ, ଜଗଦୀଶ ଚନ୍ଦ୍ର ଗୌଡ, ସୋମେଶ୍ୱର ହଂସ, ଧବଳେଶ୍ୱର ନାଗ, ବଦ୍ରିନାଥ ଗୋପାଲ, ଅନିରୁଦ୍ଧ ଲହଜଲ, ଟିକମନ୍ ଯାଦବ, ଶ୍ରଦ୍ଧାକର ନାଗ, ଜଳନ୍ଧର ହଂସ, ଶଶି ରାମ ନାଗ ଓ ଅନ୍ୟମାନେ ଯୋଗ ଦେଇଥିଲେ।



# ଜିଲ୍ଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

**ନୂଆପଡ଼ା,୨୧।୧(ସମିସ)**

ମିନିଷ୍ଟାଡିୟମରେ ନୂଆ-ଓ ଯୁବ ଓଡିଶା ନବୀନ ଓଡିଶା ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କ୍ରୀଡା ମହୋତ୍ସବ ଉଦଘାଟିତ ହୋଇଯାଇଛି। ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗତରାମ ମାଝି, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ବିଜେଡି ରାଜ୍ୟ ସମ୍ପାଦକ ସରୋଜ ସାହୁ, ଯୁବ ବିଜେଡି ଜିଲ୍ଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଂଜନ ଯୋଶୀ, ଭାନୁପ୍ରତାପସିଂ ମାଝି, ଉମା ଠାକୁର, ଖରିଆରରୋଡ ଏନଏସି ଅଧ୍ୟକ୍ଷା ସୋନିଆ ଜୈନ, ଅବସରପ୍ରାପ୍ତ ଡିଏସଓ ରାଜେନ୍ଦ୍ର ବଡେଇ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ବରିଷ୍ଠ କିରାଣି ବିଭୂଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ମହିଳା ବର୍ଗର କବାଡି, ଖୋ-ଖୋ, ଫୁଟବଲ, ଭଲିବଲ ଭଳି ଖେଳ ଅନୁଷ୍ଠିତ ହୋଇଥିଲା। ଫୁଟବଲରେ ବୋଡେନ(ମହୁଲପଡା) ଚାମ୍ପିଅନ ଓ ନୂଆପଡ଼ା ରନର୍ସଅପ, ଖୋ-ଖୋରେ ନୂଆପଡ଼ା (କୋଦୋମେରି) ଚାମ୍ପିଅନ ଓ ଖଡ଼ିଆଳ(ସ୍ୱୟଂଶାସିତ କଲେଜ) ରନର୍ସଅପ, କବାଡିରେ ନୂଆପଡ଼ା ଚାମ୍ପିଅନ ଓ ଖଡ଼ିଆଳ ରନର୍ସଅପ, ଭଲିବଲରେ ନୂଆପଡ଼ା(କୋଟେନତୁଆଁ) ଚାମ୍ପିଅନ ଓ ବୋଡେନ(ମହୁଲପଡା) ରନର୍ସଅପ ହୋଇଥିଲା। ଏଥିରେ ଚାମ୍ପିଅନ ଦଳକୁ ୫୦ ହଜାର, ରନର୍ସଅପ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ଅଧ୍ୟାପକ ପ୍ରକାଶ ସାହୁ, କ୍ରିଡା ଶିକ୍ଷକ ମହତାବ ଆଡକୁଆଡ, ହରିହର ସାହୁ, ସନ୍ତୋଷ ପ୍ରଧାନ, ଏମକୁମାର ଖର୍ସେଲ୍, ଜପିରାମ ଘିବେଲା, ପ୍ରେମଚନ୍ଦ ସାହୁ, ଗୋକୁଳ ଦଣ୍ଡସେନା, ବିଦ୍ୟାଧର ମାଝି, ମୋହନ ମହନ୍ତ, ରୋହିତ ନାଗ, ରାକେଶ ପଟେଲ, ଡୋଲାମଣି ନାଗ, ଅନିଲ ରାଉତ, କଳ୍ପନା ରାଉତ, ନିରୁପମା ପଟେଲ ପରିଚାଳନା କରିଥିଲେ।



# ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ମନମୁଣ୍ଡା, ୨୧ା୧(ସମିସ):** ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣରେ ଅନୁପ୍ରାଣିତ ହୋଇ ମନମୁଣ୍ଡାର ଶ୍ରୀରାମ ଭକ୍ତ କାର୍ତ୍ତିକେଶ୍ୱର ମହାପାତ୍ର ଏଠାରେ ଏକ ଶ୍ରୀରାମ ମନ୍ଦିର ନିର୍ମାଣ କରିଛନ୍ତି। ଅଯୋଧ୍ୟା ପରି ୨୨ ତାରିଖରେ ଏଠାରେ ମଧ୍ୟ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ ଇତ୍ୟାଦି କରିବାକୁ କାର୍ଯ୍ୟାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କଳସ ଶୋଭାଯାତ୍ରା ହୋଇଥିଲା। ତେଲନଦୀ ବାବା ସୁବର୍ଣ୍ଣମେରୁ ଘାଟରୁ ଶତାଧିକ ମହିଳା ପୂର୍ଣ୍ଣ କଳସ ଧାରଣ କରି ଘଣ୍ଟ, ଶଙ୍ଖ ଓ କୀର୍ତ୍ତନ ସହ ଶୋଭାଯାତ୍ରା କରି ମନ୍ଦିର ପରିସର ଯଜ୍ଞମଣ୍ଡପକୁ ଆଣିଥିଲେ।



# ଦେବାଶିଷ ପୁରୋହିତ ପତଞ୍ଜଳି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

**ବୌଦ୍ଧ, ୨୧ା୧(ସମିସ):** ବୌଦ୍ଧ ଜିଲ୍ଲାର ଦେବାଶିଷ ପୁରୋହିତ ହରିଦ୍ୱାର ପତଞ୍ଜଳି ଯୋଗପୀଠ ଭାରତ ସ୍ୱାଭିମାନ ନ୍ୟାସ ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ବଲାଙ୍ଗୀରରେ ଅନୁଷ୍ଠିତ କାର୍ଯ୍ୟକର୍ତ୍ତା ବୈଠକରେ ପତଞ୍ଜଳି ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ ସ୍ୱାମୀ ପରମାର୍ଥ ଦେବଜୀ ଯୋଗଦେଇ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଥିଲେ। ସେ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ସମସ୍ତ ତହସିଲ ଓ ଗ୍ରାମରେ ଯୋଗ, ସ୍ୱଦେଶୀ, ଆୟୁର୍ବେଦ ଓ ଭାରତୀୟ ଶିକ୍ଷା ବୋର୍ଡ଼ କାର୍ଯ୍ୟକ୍ରମ ପ୍ରଚାର ପ୍ରସାର କରିବାକୁ ସ୍ୱାମୀଜୀ ପରାମର୍ଶ ଦେଇଥିଲେ।

# ନିର୍ମାଣଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ବଣ୍ଟନ

**କନ୍ଧମାଳ/ଶଗଡ଼ା, ୨୧ା୧(ସମିସ):** କନ୍ଧମାଳ ହାଇସ୍କୁଲ ପଡ଼ିଆରେ ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସହାୟତା ବଣ୍ଟନ ଶିବିରରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କନ୍ଧମାଳ ବିଧାୟକ ମହିଧର ରଣା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, କନ୍ଧମାଳ ବିଡିଓ ସାମି ଜୟଶ୍ରୀ ରେଡ୍ଡୀ, ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ ଯୋଗ ଦେଇଥିଲେ। ୭୮୭ ଜଣ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ବାବଦକୁ ୩ କୋଟି ୯୭ ଲକ୍ଷ ୩୦ ହଜାର ୪୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଡିଏଲଓ ସୁଶାନ୍ତ ପାଇକରାୟ ପରିଚାଳନା କରିଥିବାବେଳେ ଏଲଓ କନ୍ୟାକୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିଗୁନମାଳ ହାଇସ୍କୁଲ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

**କନ୍ଧମାଳ, ୨୧ା୧(ସମିସ):** ଦିଗୁନମାଳ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଶତ୍ରୁଘ୍ନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କନ୍ଧମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି, ଲୋକ କବିରତ୍ନ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା, ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ, ପ୍ରାକ୍ତନ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲ୍ଲାପରିଷଦ ସଭ୍ୟା ସୁମିତ୍ରା ସାହୁ, ଆଇନଜୀବୀ ମନୋଜ ଶର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ତମ ଶିକ୍ଷା ସମାଜକୁ ନୂତନ ଦିଗଦର୍ଶନ ଦିଏ ବୋଲି କହିଥିଲେ। ପ୍ରଧାନଶିକ୍ଷକ ନେତ୍ର କର୍ମୀ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରେମରାଜ ରଣା ଅତିଥି ପରିଚୟ ଏବଂ ସଭା ପରିଚାଳନା କରିଥିଲେ। ଶତ୍ରୁଘ୍ନ ଶତପଥୀ ଧନ୍ୟବାଦ ଦେଇଥିଲେ। ଅର୍ଚ୍ଚିତା ପାଢ଼ୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲୋକକଳାର ପ୍ରୟୋଗ ସମ୍ପର୍କିତ କର୍ମଶାଳା

**ତରଭା, ୨୧ା୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସଭାଗୃହରେ ସୂଚନା ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। କର୍ମଶାଳାରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ନାଏକ ଯୋଗ ଦେଇ ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ୧୫ଟି ଯୋଜନାର ଲୋକକଳା ମାଧ୍ୟମରେ ଠିକ ଭାବେ ପ୍ରଚାର ପ୍ରସାର କରିବା ପାଇଁ ବ୍ଲକ କଳା ସଂସ୍କୃତି ସଂଘର ସମସ୍ତ ସାଂସ୍କୃତିକ ଦଳଗୁଡ଼ିକୁ ଜଣାଇଥିଲେ। କର୍ମଶାଳାରେ ବ୍ଲକ କଳା ସଂସ୍କୃତି ସଂଘର ସାଂସ୍କୃତିକ ଦଳ ଯୋଗ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ କୁଲ୍ଲୁଙ୍କ ତତ୍ତ୍ୱାବଧାନରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ ଓ ବ୍ଲକ କଳା ସଂସ୍କୃତି ସଂଘ ଉପ-ସଭାପତି ମାନଭଞ୍ଜନ ମିଶ୍ର କର୍ମଶାଳାର ସଂଯୋଜନା କରିଥିଲେ। ଉପ ବିଭାଗୀୟ ଅଧିକାରୀ ସୁବୋଧ ମହାରଣା, ବରିଷ୍ଠ ରାଜସ୍ୱ ସହାୟକ ଜୟନ୍ତ ମାହାଣା, କ୍ଷୀରୋଦ୍ର ଭୋଇ, ଲକ୍ଷ୍ୟବ୍ରତ ନାଏକ, କନିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର ସାହୁ, କାର୍ଯ୍ୟକ୍ରମ ସହାୟକ ବିକ୍ରମ ବିଶି, ବିପିସି ଉମାଶଙ୍କର ସାହୁ, ବିପିଏ ଶାହାନୱାଜ ଖାନ, ଗଣ୍ଡାରମ ବାଘ, ବିଜୟା ମଲ୍ଲିକ, ସୁରୁବୁଇ କୁଅଁର ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବିନିକା, ୨୧ା୧(ସମିସ):** ବିନିକା ପୁରୁଣା ବସଷ୍ଟାଣ୍ଡ ଠାରେ ଦୀର୍ଘ ୫୨ବର୍ଷ ଧରି ଅସ୍ଥାୟୀ ମଣ୍ଡପରେ ଶୋଭା ପାଉଥିବା ଜଗତ ଜନନୀ ମାଁ ଦୁର୍ଗାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ମହିଷାସୁର ଦରବାର ଆକର୍ଷିତ କରିଛି। ୫ଦିନ ଧରି ଚାଲିଥିବା ମାଁ ଦୁର୍ଗାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପାଇଁ ସାରା ସହର ରଙ୍ଗ ବେରଙ୍ଗର ଆଲୋକ ସାଜସଜ୍ଜାରେ ଉତ୍ସବ ମୁଖରିତ ହୋଇଛି। ମହିଷାସୁର ଦରବାରରେ କଳାକାରଙ୍କ ନୃତ୍ୟଗୀତ, ଭଜନ ପରିବେଷଣ ଶ୍ରଦ୍ଧାଙ୍କୁ ବାନ୍ଧି ରଖିଛି। ମନ୍ଦିର ପ୍ରତିଷ୍ଠା ଅବସରରେ ପ୍ରତ୍ୟେକ ଘର ଦୁଆରେ ପୂର୍ଣ୍ଣ କୁମ୍ଭ ବସା ଯାଇଥିବା ବେଳେ ବ୍ରାହ୍ମଣଙ୍କ ମନ୍ତ୍ର ପାଠ, ପ୍ରବଚନ, ଭଜନ, କୀର୍ତ୍ତନ, ଘଣ୍ଟଶଙ୍ଖ ବାଦ୍ୟର ତାଳେ ତାଳେ ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି। ରାଜ ଦରବାରରେ ବୀରମହାରାଜପୁର ବିଧାନସଭା ବିଧାୟକ ପଦ୍ମନାଭ ବେହେରା, ଏସ୍‌ପି ଅମରେଶ ପଣ୍ଡା, ବିନିକା ବିଜେଡ଼ି ନଗର ସଭାପତି ସୋମନାଥ ମିଶ୍ର, କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ବିନୋଦ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଲବ ସାହୁ, ଯୁବ ନେତା ପ୍ରଦୀପ ସେଠୀ ପ୍ରମୁଖ ରାଜକୀୟ ଅତିଥି ଭାବରେ ଯୋଗ ଦେଇଥିଲେ। ସନ୍ତୋଷ ପଣ୍ଡାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ଚାରିଛକ, ୨୧ା୧(ସମିସ)**

ହରଭଙ୍ଗା ବ୍ଲକ ପୁରୁଣାକଟକ ଭୌରାବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷା ଧରିତ୍ରୀରାଣୀ କାନୁନଗୋ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପ୍ରଦୋଷ ପ୍ରଧାନ ପରିଚାଳନା କରିଥିଲେ। ଅଧ୍ୟାପକ ଦେବାଶିଷ ପାଣିଗ୍ରାହୀ, ଶରତ ନାୟକ, ଅଧ୍ୟାପିକା ନୈତଜିକା ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ପୂଜାପାଠ ଉପରେ ଉକ୍ତ ପ୍ରତିଯୋଗିତା ଗୁଡିକ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ କବିତା ଲିଖନ, ଓଡ଼ିଆ ଗୀତ, ଓଡ଼ିଆରେ ବକୃତା ଓ କାହାଣୀ ପ୍ରତିଯୋଗିତା ହୋଇଥିଲା।

**ବାଉଁଶୁଣି:** ସ୍ଥାନୀୟ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମର ଉଦ୍‌ଯାପିତ ହୋଇଛି। ତୃତୀୟ ଦିବସରେ ଜଗନ୍ନାଥ ସଂସ୍କୃତି ଉପରେ ଏକ ଅଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଆଲୋଚନା ଚକ୍ରରେ ଡ. ସଞ୍ଜୟ ପଣ୍ଡା, ଜଗନ୍ନାଥ ସଂସ୍କୃତି ଗବେଷକ ଅଧ୍ୟାପକ ପ୍ରତାପ ରଥ ଏବଂ ଜଗନ୍ନାଥ ସଂସ୍କୃତିର ପ୍ରଚାରକ ତଥା ଯୋଗଗୁରୁ ପଣ୍ଡିତ ଦେବାଶିଷ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଦେବାର୍ଚ୍ଚନ ବେହେରା ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ। ଡ. ଉମାକାନ୍ତ ବିଶ୍ୱାଳ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଅନିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**ସୁବଲୟା:** କେନଝିରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ଭାଷା ସାହିତ୍ୟ ସୃଜନ ଶୀଳତାର ଉତ୍ସବ ପାଳିତ ହୋଇଛି। ଉତ୍ସବରେ ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ ସଭାପତିତ୍ୱ କରିଥିବା ବେଳେ ବିରାମହରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ଛାତ୍ରଛାତ୍ରୀ କଠିନ ଅଧ୍ୟବସାୟର ସଫଳତା ବିଷୟରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଦେହୁରୀ ଓ ସନ୍ତୋଷ ବିଶି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଦୀନବନ୍ଧୁ ପଧାନ ପରିଚାଳନା କରିଥିଲେ। ପ୍ରମୋଦ ପାତ୍ର ଧନ୍ୟବାଦ ବାଦ ଅର୍ପଣ କରିଥିଲେ। ଦୀନବନ୍ଧୁ ପଧାନ, ଗୌରୀଶଙ୍କର ପୂଜାହାରୀ ପ୍ରମୁଖ ପାତିଯୋଗିତା ପରିଚାଳନା କରିଥିଲେ।

**ତରଭା:** ତରଭା ଏଇଏସ୍ ମହାବିଦ୍ୟାଳୟେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ସ୍ମାର୍ଟ କକ୍ଷରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଅଧ୍ୟକ୍ଷା ମିନତୀ ମିଶ୍ର ସଭାପତିତ୍ୱ କରିଥିଲେ। ପରିଚାଳନା କମିଟିର ସଭାପତି ଶୈଳେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ବିଶିଷ୍ଟ ଲେଖକ ତଥା ନୂଆପଡ଼ା ମଡେଲ ଡିଗ୍ରୀ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଶ୍ରୀକାନ୍ତ ବାରିକ ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପାଳ ଚରଣ ମିଶ୍ର ଓ ଅବସରପ୍ରାପ୍ତ ଶିକ୍ଷକ ହରିବନ୍ଧୁ ପାଣିଗ୍ରାହୀ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରି ଭାରତୀୟ ସଂସ୍କୃତି କିପରି ଜଗତର ନାଥ ଜଗନ୍ନାଥଙ୍କ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ତାହା ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପକ ବିଶ୍ୱପତି ଦାନୀ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ମନୋରଞ୍ଜନ ଭୋଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଦ୍ୟୁମ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ନୂଆପଡ଼ା:** ନୂଆପଡ଼ା ନ୍ୟାସନାଲ କଲେଜରେ 'ନୂଆ-ଓ' ଏବଂ ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ହିତେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିଶୁ ସାହିତ୍ୟିକ ଡକ୍ଟର ଯୁଗଳ କିଶୋର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ସାହିତ୍ୟିକ ଜ୍ୟୋତି ପ୍ରକାଶ ଗଡ଼ତିଆ, ବିରଞ୍ଚି ନାରାୟଣ ଦାଶ, ପ୍ରାଧ୍ୟାପକ ଦୁର୍ଲ୍ଲଭ ଚରଣ ବେହେରା, ଅଧ୍ୟାପକ ବୈଦ୍ୟନାଥ ଗଡ଼ତିଆ, ଅଧ୍ୟାପିକା ମମତା ପଟ୍ଟନାୟକ, ଡକ୍ଟର ପ୍ରମୋଦ ରାଉତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ଶିବ ପ୍ରସାଦ ସା ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ସଚିନ ବାବୁ ମାନପତ୍ର ପାଠ କରିଥିବା ବେଳେ ଅଧ୍ୟାପକ ଗୋପୀ ଗୋପାଳ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ଡ. ପ୍ରଣତି ପଣ୍ଡା, ଡ. ମିନାକ୍ଷୀ ଦାଶ, ଶୁକଦେବ ଭିଲ୍, ସୀମା ବରିହା, ଅଧ୍ୟାପକ ଅବିନାଶ ଚଲାନ ପ୍ରମୁଖ ସହଯୋଗ କରିଥିଲେ।



# ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

**ଚାରିଛକ, ୨୧ା୧(ସମିସ):** ଆଞ୍ଚଳିକ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ବରିଷ୍ଠ ଅଧ୍ୟାପକ ସୁଦାମ ଚରଣ ପୃଷ୍ଟିଙ୍କ ଆବାହକତ୍ୱରେ ସସ୍ମିତା ହାଁସଦା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମାଷ୍ଟର ଟ୍ରେନର ପଦ୍ମିନୀ ବାରିକ ଓ ସୁମିତ୍ରା କୁଅଁର ଛାତ୍ରୀ ଆତ୍ମସୁରକ୍ଷା କୌଶଳ ସମ୍ବନ୍ଧରେ ଅବଗତ କରାଇଥିଲେ। ଅଧ୍ୟାପକ ମନୋଜ ପ୍ରହରାଜ, ଲଳିତ ମହାପାତ୍ର, ସୁବାଷ ଚନ୍ଦ୍ର ସୁରିନ ଯୋଗ ଦେଇଥିଲେ। ଛାତ୍ରୀ ସୁଚିସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଡୁଙ୍ଗୁରିପାଲି:** ଡୁଙ୍ଗୁରିପାଲି ବ୍ଲକ ରାମପୁର ଶ୍ରୀରାମ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀଙ୍କ ସଭାପତିତ୍ୱରେ ଆତ୍ମ ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ରାଜନୀତି ବିଭାଗର ଅଧ୍ୟାପକ ଡ ଗୁଣନିଧି ବାରିକ ଯୋଗଦେ ଆତ୍ମସୁରକ୍ଷାର କୌଶଳ ଛାତ୍ରୀମାନଙ୍କ ପାଇଁ କେତେ ସହାୟକ ସେ ବିଷୟରେ ମନ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ମହାନନ୍ଦ ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ପ୍ରଶିକ୍ଷିକା ନିକିତା ମାହାନା ଓ ସାବିତ୍ରୀ ସାହୁ, ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ ଦିଲ୍ଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ବିଦ୍ୟାଳୟକୁ କମ୍ପ୍ୟୁଟର ପ୍ରଦାନ

**ମନମୁଣ୍ଡା, ୨୧ା୧(ସମିସ):** ବସନ୍ତ ସୋସିଆଲ ଫାଉଣ୍ଡେସନ, ନୂଆଁଦିଲ୍ଲୀ ତରଫରୁ ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ କମ୍ପୁଟର ପ୍ରଦାନ କରାଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷା ରାଜଶ୍ରୀ ମିଶ୍ର ପ୍ରଥମ ପର୍ଯ୍ୟାୟରେ ମନମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖଇରମାଳ, କପାଶିରା ଏବଂ ଖଟଖଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହା ପ୍ରଦାନ କରିଛନ୍ତି। ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଭାରତୀୟ ବ୍ୟାଙ୍କ ସଂଘର ବରିଷ୍ଠ ପରାମର୍ଶଦାତା ବିକାଶ ନାରାୟଣ ମିଶ୍ର (ନୂଆଁଦିଲ୍ଲୀ) ମୁଖ୍ୟ ଅତିଥି ଏବଂ କେସି ଝା (ଏଜିଏମ, ଆଇଆଇଏଫ୍‌ସି ଏଲ, ନୂଆଁଦିଲ୍ଲୀ) ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମନମୁଣ୍ଡା ସିଆର୍‌ସିସି ପ୍ରଜିନା ପାଢ଼ୀ ଉପସ୍ଥିତ ଥିଲାବେଳେ ବୌଦ୍ଧ ଜିଲ୍ଲା ସାମ୍ବାଦିକ ସଂଘ ଉପ ସଭାପତି ବୈଦ୍ୟନାଥ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପୁରୋହିତ, ଶିକ୍ଷୟିତ୍ରୀ ରୀନାରାଣୀ ବସ୍ତିଆ, ସସ୍ମିତା ମେହେର, ତପସ୍ୱିନୀ ବାରିକ, ସ୍ୱାଗତିକା ମିଶ୍ର, ଶିକ୍ଷକ ଭରତ ସେନାପତି, ଖଇରମାଳରେ ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପ୍ରଧାନ, ଶିକ୍ଷକ ଶରତ ସାହୁ, ମନୋଜ ସାହୁ, ଶିକ୍ଷୟିତ୍ରୀ ରେଣୁବାଳା ଦନ୍ତା, କପାଶିରା ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପାଣିଗ୍ରାହୀ, ଶିକ୍ଷୟିତ୍ରୀ ଯଶୋବନ୍ତୀ କହଁର, ମମତା ମହାଲିକ, ନିରୁପମା ଭୋଇ, ଉତ୍ପଳିକାରାଣି ମିଶ୍ର, ସସ୍ମିତା ବେହେରା, ଶିକ୍ଷକ ପରମେଶ୍ୱର ମେହେର ଏବଂ ଖଟଖଟିଆ ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଶତପଥୀ, ଶିକ୍ଷୟିତ୍ରୀ ସ୍ନେହପ୍ରଭା ମହାପାତ୍ର, ଦୀପ୍ତିମୟୀ ବୈଠାରୁ, ବନିତା ମେହେର, ଶିକ୍ଷକ ନୃପମଣି ମହାଲିକ, ସୁରେନ୍ଦ୍ର କମ୍ପ, ସମୀର ପ୍ରଧାନ ଉପସ୍ଥିତ ଥିଲେ।

# ସମୂହ ହନୁମାନ ଚାଳିଶା ପାଠ

**ଡୁଙ୍ଗୁରିପାଲି, ୨୧ା୧(ସମିସ):** ତାରିଖରେ ଅଯୋଧ୍ୟା ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ରାମ ମନ୍ଦିର ପରିସରରେ ସମ୍ମିଳିତ ମାରୁଆଡ଼ି ମଞ୍ଚ ପକ୍ଷରୁ ହନୁମାନ ଚାଳିଶା ପାଠ କରିବା ସହିତ ଛପନ ଭୋଗ ଲାଗିଥିଲା। ଏଥିରେ ଶହ ଶହ ସଂଖ୍ୟାରେ ମହିଳା ଓ ପୁରୁଷ ଭକ୍ତ ଯୋଗ ଦେଇଥିଲେ।

# 'ଆମ ଅଧିକାର ଯାତ୍ରା' ଶୁଭାରମ୍ଭ

**ବୌଦ୍ଧ, ୨୧ା୧(ସମିସ):** ଆଦିମ ଅଧିବାସୀ ଏକତା ମଞ୍ଚ ବୌଦ୍ଧ ବ୍ଲକ ଶାଖା ତରଫରୁ ମୁଣ୍ଡାପଡ଼ା ପଞ୍ଚାୟତ ଅଧୀନ କିରାଶିର ଗ୍ରାମରେ ଆମ ଅଧିକାର ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ବୌଦ୍ଧ ଜିଲ୍ଲା ପ୍ରଭାରୀ ଦ୍ୱାଦଶ ଜାନିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଅକ୍ଷୟ ଗାଇଗୌରିଆଙ୍କ ସମେତ ରଞ୍ଜିତା ବାରିକ, ମମତା ମାହାକୁଡ଼, ସୁଲୋଚନା ସେଠି, ଚୈତନ୍ୟ ମଲ୍ଲିକ, ସନ୍ତୋଷ ଅମାତ, ମୁରଲୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବୌଦ୍ଧ, ୨୧ା୧(ସମିସ):** ପିଏମ୍ଶ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମାରୋହ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସନକ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ, ସମ୍ମାନିତ ଅତିଥି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ରାଜଲକ୍ଷ୍ମୀ ବିଶ୍ୱାଳ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଦୀପ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ବାବା ଗୁପ୍ତେଶ୍ୱର ଫୁଟବଲ ଟୁର୍ଣ୍ଣାମେଣ୍ଟ

# ପ୍ରଗଳପୁର ଚାମ୍ପିଅନ

**ହରଭଙ୍ଗା, ୨୧ା୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଲୋକପଡ଼ା ଖେଳ ପଡ଼ିଆରେ ବ୍ଲୁ ଷ୍ଟାର କ୍ଲବ ଆନୁକୂଲ୍ୟରେ ଚାଲିଥିବା ବାବା ଗୁପ୍ତେଶ୍ୱର ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଲୋକପଡ଼ା ବ୍ଲୁ ଷ୍ଟାର ସହ ପ୍ରଗଳପୁର ମଧ୍ୟରେ ରୋମାଞ୍ଚକର ଖେଳ ପ୍ରଦର୍ଶନ ହୋଇଥିଲା। ଏଥିରେ ଉଭୟ ଦଳ କେହି କାହାକୁ ଗୋଲ ଦେଇ ପାରି ନ ଥିବାରୁ ଟାଇବେକରରେ ପ୍ରଗଳପୁର ଚାମ୍ପିଅନ ହୋଇ ବିଜେତା ଟ୍ରଫି ଗ୍ରହଣ କରିଥିଲା। ଉଦ୍‌ଯାପନୀ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବାଣୀଭୂଷଣପୁର ସରପଞ୍ଚ ଶ୍ରୀବନ୍ତ ମେହେର ଯୋଗ ଦେଇଥିଲେ। ରେଫରୀ ସୁଜିତ ରାଜହଂସ, ଅଲିପି ସାମଲ, ପ୍ରତାପ ଭୋଇ ପରିଚାଳନା କରିଥିଲେ। କ୍ଲବର ସଭାପତି ଆଲୋକ ରାଜ, ତ୍ରିଲୋଚନ ଦେହୁରୀ, ସୁଶୀଲ ଦେହୁରୀ, ମହେନ୍ଦ୍ର ଦାନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




**ବଲାଙ୍ଗିର, ୨୧ା୧(ସମିସ):** ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗିର ଶାଖାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୪୦ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ମଲିଆ ଗଡ଼ୁଆ ଶିବିର ପରିଚାଳନା କରିଥିଲେ। ସଂଘର ସଭାପତି ଗୋବିନ୍ଦ ମିଶ୍ର ଏବଂ ଡା. ଦେବଦତ୍ତ ମିଶ୍ରଙ୍କ ନେତୃତ୍ୱରେ ଡା. ରାଧାକାନ୍ତ ସେଠ ଏବଂ ଡା. ଉମାକାନ୍ତଙ୍କୁ ନେଇ ଏକ ସ୍ୱାସ୍ଥ୍ୟ କମିଟି ଗଠନ କରାଯାଇଥିଲା। ସଂଘର ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ନାଥ, ବିରଞ୍ଚି ହୋତା, ବିଜୟ କୁମାର ବାଘ, ଲୋକନାଥ ନେପାକ, ପ୍ରାଣବଲ୍ଲଭ ତ୍ରିପାଠୀ, ହଜାରୀ ମିଶ୍ର, ମନୋରଞ୍ଜନ ମିଶ୍ର, ଭଗବାନ ନାଏକ, ତୀର୍ଥବାସୀ ଡାଙ୍ଗ, ଅଶୋକ କୁମାର ଚାନ୍ଦ, ପ୍ରଦୀପ କୁମାର ସାହୁ, ଦଶରଥ ବାଘ, ଗୋପବନ୍ଧୁ ପୁରୋହିତ, ବୈକୁଣ୍ଠ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମେହେର, ହରେକୃଷ୍ଣ ମେହେର, ବିରଞ୍ଚି ବହିଦାର, ପୂର୍ଣ୍ଣଚନ୍ଦ୍ର ଦାଶ, ରମେଶ ଚନ୍ଦ୍ର ନାଏକ, ବାସୁଦେବ ଭୋଇ, ଛବିଚନ୍ଦ୍ର ପଟେଲ, ଚତୁର୍ଭୁଜ ମିଶ୍ର, ଯୋଗେଶ୍ୱର ପଣ୍ଡା, ଭକ୍ତବନ୍ଧୁ ନାଏକ, ଚୈତନ୍ୟ ପଟେଲ, ଭକ୍ତବନ୍ଧୁ ଦାଶ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସଙ୍ଗେ ସଙ୍ଗେ ଉପରୋକ୍ତ ଶିବିର ପରିଚାଳନା କରିଥିଲେ। ଭୀମଭୋଇ ମେଡିକାଲ କଲେଜ ତଥା ହସପିଟାଲ ବଲାଙ୍ଗିରର ଅଧ୍ୟକ୍ଷା ମାନସୀ ପଣ୍ଡା ଏବଂ ଡାକ୍ତରଖାନାର ଅନ୍ୟ କର୍ମକର୍ତ୍ତାବୃନ୍ଦ ପୂର୍ଣ୍ଣ ସହଯୋଗ କରିଥିଲେ।

# ଏନଏସି ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

**କଣ୍ଟାବାଞ୍ଜି, ୨୧ା୧(ସମିସ):** କଣ୍ଟାବାଞ୍ଜି ଏନଏସି ପକ୍ଷରୁ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସହଯୋଗରେ ସଫେଇ କର୍ମଚାରୀମାନଙ୍କ ପାଇଁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଏନଏସି ନଗରପାଳ ବରିୟାମ ସିଂ ସାଲୁଜା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଇ ଶିବିର ଉଦଘାଟନ କରିଥିଲେ। ସଫେଇ କର୍ମଚାରୀ ଏବଂ ଅନ୍ୟ ମାନଙ୍କୁ ମିଶାଇ ପ୍ରାୟ ୧୨୦ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆବଶ୍ୟକ ମୁତାବକ ଔଷଧ ମଧ୍ୟ ମାଗଣାରେ ଦିଆଯାଇଥିଲା। ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ମେଡିକାଲ ଅଫିସର ଡାକ୍ତର ପଙ୍କଜ କୁମାର ଗୁପ୍ତା, ଫାର୍ମାସିଷ୍ଟ ଭବାନୀ ଶଙ୍କର ବନଛୋର, ଲ୍ୟାବ ଟେକନିସିଆନ ଜୟଦେବ ଗହିର, ଷ୍ଟାଫନର୍ସ ପ୍ରଭାତୀ ଛତ୍ରିଆ, ସହଯୋଗୀ ଷ୍ଟାଫ ପ୍ରଣତି ବାଗ, ସଚ୍ଚିଦାନନ୍ଦ କମ୍ପା, ସୂରଜ ମେହେର, ଅତୁଲ୍ୟ ଡାଙ୍ଗ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ହରିଶଙ୍କରକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ସଚେତନତା ଶୋଭାଯାତ୍ରା

**ଖପ୍ରାଖୋଲ, ୨୧ା୧(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ପୁଣ୍ୟକ୍ଷେତ୍ର ହରିଶଙ୍କରକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ହରିଶଙ୍କର ବନାଞ୍ଚଳ ତରଫରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଅବସରରେ ବନବିଭାଗ ଡାକ ବଙ୍ଗଳାଠାରୁ ସଚେତନତା ବାର୍ତ୍ତାର ପ୍ଲାକାର୍ଡ ଧରି ବନବିଭାଗ କର୍ମଚାରୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଶୋଭାଯାତ୍ରାରେ ବାହାରି ବଣଭୋଜି ସ୍ଥଳ, ଝରଣା କୂଳ, ମନ୍ଦିର ପରିସର ବୁଲି ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ବାର୍ତ୍ତା ଦେଇଥିଲେ। ପ୍ଲାଷ୍ଟିକ ଖଲି ଚଉପତି ବଦଳରେ ପତ୍ରର ଖଲି ଚଉପତି ବ୍ୟବହାର କରିବାକୁ କହିଥିଲେ। ସେହିପରି ପଲିଥିନ ସମ୍ପୂର୍ଣ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ଉପ ବନାଞ୍ଚଳ ଅଧିକାରୀ ସୁନିଲ କୁମାର ମିଶ୍ର, ବନପାଳ ଅରବିନ୍ଦ ଧରୁଆ, ସୁଧୀର କୁମାର ଜେନା, ରଞ୍ଜିତ କୁମ୍ଭାର ସମେତ ବନ ରକ୍ଷୀ ଓ ନାନ୍ଦୁପଲା ଓ କୁଟୁର୍ଲାର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ।



# ୨୭ତମ କିଶୋର ସ୍ମାରକୀ ଫୁଟବଲ୍ ଲିଗ୍ ଉଦ୍‌ଯାପିତ

**ଡୁଷୁରା, ୨୧ା୧(ସମିସ)**

ଡୁଷୁରା ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ମିନି ଷ୍ଟାଡିୟମରେ ୨୭ତମ କିଶୋର ମେମୋରିଆଲ ଅଲ୍ ଓଡ଼ିଶା ଫୁଟବଲ୍ ଲିଗ୍ ଉଦଯାପିତ ହୋଇଯାଇଛି। ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହୋଇ ୨୧ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳରେ ଝାରସୁଗୁଡକୁ ୨-୦ ଗୋଲରେ ପରାସ୍ତ କରି କଳାହାଣ୍ଡି ଚାମ୍ପିଅନ ହୋଇଛି। ଏ ଅଞ୍ଚଳରେ ଫୁଟବଲ୍ ଖେଳର ଲୋକପ୍ରିୟତା ପାଇଁ ରେକର୍ଡସଂଖ୍ୟକ ୧୯ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥିଲେ। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ ଏନଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ ଏବଂ ସମ୍ମାନିତ ଅତିଥି ଭାବେ ବଜରଙ୍ଗଲାଲ ଅଗ୍ରୱାଲ, ଗୋଲାପ ସେଠ, ଲିପିରାନୀ ମଲ୍ଲିକ ଯୋଗ ଦେଇଥିଲେ। ଦେବାଶୀଷ ବାଗଙ୍କ ସହିତ ସଞ୍ଜନ ମହାରଣା, ସଞ୍ଜିବ କୁଡେଇ, ସଞ୍ଜିବ ତରିଆ ଖେଳ ପରିଚାଳନା କରିଥିବା ବେଳେ ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍‌ର ଦୀପକ ସାହୁ, ଉମାକାନ୍ତ ବାଗ, ମୁକେଶ ଧରୁଆ, ସୁରେନ୍ଦ୍ର ଭୋଇ, ବିଜୟ ସେଠ, ଅଙ୍କୁଶ ପ୍ରଧାନ, ବିପିନ କଏଣ୍ଡା, ଅଭିଳାଷ ବାଗ, ଶୁଭମ ନାଏକ, ଶଙ୍କର ମାଝୀ, ରିତେଶ ସାହୁଙ୍କ ସହିତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।




# ଲୋକ ଉନ୍ନତି ସଙ୍ଗଠନର ଆମ ଅଧିକାର ଯାତ୍ରା

**ବଲାଙ୍ଗିର, ୨୧ା୧(ସମିସ):** ଲୋକ ଉନ୍ନତି ସଙ୍ଗଠନ ବଲାଙ୍ଗୀର ତରଫରୁ ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ଲୁହାଖାନ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆମ ଅଧିକାରର ଲକ୍ଷ୍ୟ, ଉଦ୍ଦେଶ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ରୂପେ ଆଲୋଚନା କରାଗଲା। ଏହି ଲୋକ ଉନ୍ନତି ସଙ୍ଗଠନ ଆମ ଗ୍ରାମରେ ରହିବା ଦ୍ୱାରା ଲୋକଙ୍କ ମୌଳିକ ଅଧିକାର ଜାଣିପାରି ମାନବ ସମାଜ ସରକାରଙ୍କର ଯୋଜନା ବିଷୟରେ ଲାଭ ପାଇ ପାରୁଛୁ ବୋଲି ଗ୍ରାମବାସୀ ମତ ଦେଇଥିଲେ। ଅଧିକାର ଗୁଡିକ ହେଲା ପାନୀୟ ଜଳ, ପିଡ଼ିଏସ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକ ମାନଙ୍କୁ ମଜୁରୀର ବ୍ୟବସ୍ଥା, ସ୍ୱାସ୍ଥ୍ୟ ସୁବିଧା, ସମସ୍ତ ସେବା କାର୍ଯ୍ୟ, ଅନୁଷ୍ଠାନ, ବିଦ୍ୟାଳୟ ଭିତ୍ତିଭୂମି, ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି, ଗ୍ରାମ ସଭା, ପଲ୍ଲୀ ସଭା, ସାମାଜିକ ସୁରକ୍ଷାରେ ଭତ୍ତା, କୃଷ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଆମ ଅଧିକାର ଯାତ୍ରା କାର୍ଯ୍ୟକ୍ରମରେ ଲୁହାଖାନ ଗ୍ରାମର ସୀତାରାମ ନାଏକ, ରାମଚନ୍ଦ୍ର ଭୁଏ, ସୁବାସିନୀ ପଟେଲ, ଲଳିତା ପୁଟେଲ, କଳାବତୀ ବିଶ୍ୱାଳ, ବନିତା ଭୁଏ, ସରସ୍ୱତୀ ବକୁଳ, ଦାଣ୍ଡ ବକୁଳ ସହଯୋଗ କରିଥିଲେ। ଲୋକ ଉନ୍ନତି ସଙ୍ଗଠନର କର୍ମକର୍ତ୍ତା ଦେଓଗାଁ ବ୍ଲକର ବ୍ଲକ ସଂଯୋଜକ ରୂପାଧର ପୁଟା, ଗୁଡଭେଲା ବ୍ଲକର ସଂଯୋଜକ ପିତାମ୍ବର ପଧାନ, ବଲାଙ୍ଗୀର ବ୍ଲକର ସଂଯୋଜକ ପ୍ରହଲ୍ଲାଦ ଶିକା, ସହ ସଂଯୋଜକ ଊର୍ମି ଓ ଜନସାଥିମାନେ ଆମ ଅଧିକାର ଯାତ୍ରା ବିଷୟରେ ବୁଝାଇଥିଲେ।



## ରାସ୍ତାର ଅବସ୍ଥା ଶୋଚନୀୟ, ମରାମତି ଦାବି



**ଶଗଡା, ୨୧।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ମହିବିଲା ଠାରୁ ନାରାୟଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଲୁଣ୍ଡୁରୁବାହାଲ ପର୍ଯ୍ୟନ୍ତ ଯାଇଥିବା ୩କିଲୋମିଟର ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ମରାମତି ନ ହେବାରୁ ବର୍ଷା ଦିନରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହେଉଥିବା ବେଳେ ବିପଦପୂର୍ଣ୍ଣ ଭାବରେ ଲୋକେ ଯାତାୟାତ କରିଥାନ୍ତି। ଏପରିକି ମହିବିଲା ଠାରୁ ଲୁଣ୍ଡୁରୁବାହାଲ ଯିବା ପାଇଁ ଲୋକେ ଆଣ୍ଠୁଏ କାଦୁଅରେ ଯାତାୟତ କରିବାକୁ ବାଧ୍ ହୁଅନ୍ତି। ଉକ୍ତ ରାସ୍ତାରେ ଯିବା ସମୟରେ କାଦୁଆ ହେଉଥିବା ଯୋଗୁଁ ଅନେକ ଲୋକ ପଡ଼ି ଆହତ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଉକ୍ତ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା ଏହାର କୌଣସି ସ୍ଥାୟୀ ସମାଧାନ ହୋଇ ନାହିଁ। ଉକ୍ତ ରାସ୍ତାଟି ବନ ବିଭାଗ ଅଧିନରେ ଆସୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସରକାର ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ଏଭଳି ଦୁର୍ଦ୍ଦଶା ଭୋଗୁଛନ୍ତି। ଉକ୍ତ ରାସ୍ତା ଖୁବ୍ ଶୀଘ୍ର ମରାମତି କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଘଟଣା ସମ୍ପର୍କରେ କଣ୍ଟାମାଳ ରେଞ୍ଜର ଖିରାକ୍ଷି ପ୍ରଧାନଙ୍କୁ ପଚାରିବାରୁ ଉକ୍ତ ରାସ୍ତା ପାଇଁ ପ୍ରସ୍ତାବ ଦିଆ ଯାଇଥିବା ବେଳେ ଅନୁମୋଦନ ହେଲେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

## ବିଭିନ୍ନ ପ୍ରାଥମିକ ଶିକ୍ଷାନୁଷ୍ଠାନକୁ ୪ଟି କମ୍ପ୍ୟୁଟର ପ୍ରଦାନ

**ମନମୁଣ୍ଡା, ୨୧।୧(ସମିସ):** ବସନ୍ତ ସୋସିଆଲ ଫାଉଣ୍ଡେସନ, ନୂଆଁଦିଲ୍ଲୀ ତରଫରୁ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁ କମ୍ପ୍ୟୁଟର ପ୍ରଦାନ କରାଯାଇଛି। ଏହି ଫାଉଣ୍ଡେସନର ଅଧ୍ୟକ୍ଷା ରାଜଶ୍ରୀ ମିଶ୍ର ପ୍ରଥମ ପର୍ଯ୍ୟାୟରେ ମନମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ , ଖଇରମାଳ, କପାଶିରା ଏବଂ ଖଟଖଟିଆ ୪ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହା ପ୍ରଦାନ କରିଛନ୍ତି। ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଭାରତୀୟ ବ୍ୟାଙ୍କ ସଂଘର ବରିଷ୍ଠ ପରାମର୍ଶଦାତା ବିକାଶ ନାରାୟଣ ମିଶ୍ର(ନୂଆଁଦିଲ୍ଲୀ) ମୁଖ୍ୟଅତିଥି ଏବଂ କେ ସି ଝା (ଏ ଜି ଏମ, ଆଇ ଆଇ ଏଫ୍ ସି ଏଲ , ନୂଆଁଦିଲ୍ଲୀ) ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଥିଲେ। ମନମୁଣ୍ଡା ସିଆର୍ ସିସି ପ୍ରଜିନା ପାଢ଼ୀ ଉପସ୍ଥିତ ଥିଲାବେଳେ ବୌଦ୍ଧ ଜିଲ୍ଲା ସାମ୍ବାଦିକ ସଂଘ ଉପସଭାପତି ବୈଦ୍ୟନାଥ ହୋତା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୌଦ୍ଧ ଜିଲ୍ଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର୍, କଣ୍ଟାମାଳ ବି ଇ ଓ ସନୋଜ ସେଠୀ, ଏବିଇଓ ଦୁର୍ଗା ଚରଣ ପ୍ରଧାନ ଭୂୟସୀ ପ୍ରଶଂସା କରିଛନ୍ତି। ମନମୁଣ୍ଡାରେ ପ୍ରଧାନ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ପୁରୋହିତ, ଶିକ୍ଷୟତ୍ରୀ ରୀନାରାଣୀ ବସ୍ତିଆ, ସସ୍ମିତା ମେହେର, ତପସ୍ୱିନୀ ବାରିକ, ସ୍ୱାଗତିକା ମିଶ୍ର, ଶିକ୍ଷକ ଭରତ ସେନାପତି, ଖଇରମାଳରେ ପ୍ରଧାନଶିକ୍ଷକ ରବିଚନ୍ଦ୍ର ପ୍ରଧାନ, ଶିକ୍ଷକ ଶରତ ସାହୁ, ମନୋଜ କୁମାର ସାହୁ, ଶିକ୍ଷୟତ୍ରୀ ରେଣୁବାଳା ଦନ୍ତା, କପାଶିରା ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପାଣିଗ୍ରାହୀ, ଶିକ୍ଷୟତ୍ରୀ ଜସୋବନ୍ତି କହଁର,ମମତା ମହାଳିକ, ନିରୁପମା ଭୋଇ, ଉତ୍ପଳିକାରାଣି ମିଶ୍ର, ସସ୍ମିତା ବେହେରା, ଶିକ୍ଷକ ପରମେଶ୍ୱର ମେହେର ଏବଂ ଖଟଖଟିଆ ସ୍କୁଲରେ ପ୍ରଧାନ ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ଶତପଥୀ, ଶିକ୍ଷୟତ୍ରୀ ସ୍ନେହପ୍ରଭା ମହାପାତ୍ର, ଦିପ୍ତିମୟୀ ବୈଠାରୁ, ବନିତା ମେହେର,ଶିକ୍ଷକ ନୃପମଣି ମହାଳିକ,ସୁରେନ୍ଦ୍ର କମ୍ପ, ସମୀର ପ୍ରଧାନ ଯୋଗ ଦେଇଥିଲେ।

# କେବେ ସରକାରୀ ହେବ ସୋନପୁର କଲେଜ?

**ସୋନପୁର, ୨୧।୧ (ସମିସ)**



**୬୦ ବର୍ଷର ଶିକ୍ଷାନୁଷ୍ଠାନକୁ ଅବହେଳା**

୧୯୬୪ ମସିହାରେ ମହାନଦୀ କୂଳରେ ସୋନପୁର ମହାରାଜାଙ୍କ ଦ୍ୱାରା ନିର୍ମିତ ମିତ୍ରୋଦୟ ଭବନରେ ସୋନପୁର ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଇତି ମଧ୍ୟରେ ୬୦ ବର୍ଷ ବିତି ଯାଇଛି ତଥାପି ଏହି ପୁରାତନ ଶିକ୍ଷାନୁଷ୍ଠାନକୁ ଅବହେଳା କରାଯାଉଛି। ରାଜ୍ୟ ତଥା ଦେଶର ବହୁ ମେଧାବୀ ଛାତ୍ର ସୃଷ୍ଟି କରିବାରେ ସୋନପୁର ମହାବିଦ୍ୟାଳୟର ଅବଦାନ ଅତୁଳନୀୟ। ଏହି କଲେଜର ଛାତ୍ର କିଏ ବୈଜ୍ଞାନିକ ହୋଇ ଦେଶର ସୁନାମ ବଢ଼ାଉ ଥିବା ବେଳେ କେଉଁ ଛାତ୍ର ଚିକିତ୍ସା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି କଲେଜର କିଛି ଛାତ୍ର ବରିଷ୍ଠ ବିଚାରପତି ଭାବରେ ବହୁ କୋର୍ଟରେ ଅବସ୍ଥାପିତ। ଏଭଳି ଛାତ୍ର ସୃଷ୍ଟି କରୁଥିବା ଶିକ୍ଷାନୁଷ୍ଠାନ ଅବହେଳିତ ଭାବରେ ରହିଛି। ଏଯାଏଁ ସୋନପୁର ମହାବିଦ୍ୟାଳୟକୁ ପୂର୍ଣ୍ଣ ସରକାରୀ ମାନ୍ୟତା ମିଳିପାରି ନାହିଁ। ସୁବର୍ଣ୍ଣପୁର ଜିଲ୍ଲାର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଏହି ଅନୁଷ୍ଠାନରେ ବହୁ ସମସ୍ୟା ଲାଗି ରହିଛି। ରାଜ୍ୟର ବହୁ କଲେଜ ସୋନପୁର କଲେଜ ପ୍ରତିଷ୍ଠା ହେବା ପରେ ଖୋଲିଥିଲେ ମଧ୍ୟ ତାହା ସ୍ୱୟଂଶାସିତ ଘୋଷଣା ହୋଇ ସାରିଥିବା ବେଳେ ସୋନପୁର କଲେଜକୁ ସ୍ୱୟଂ ଶାସିତ ତ ଦୂରର କଥା ସରାକରୀ ଘୋଷଣା କରାଯାଇ ପାରିନାହିଁ। ଏଭଳି ପାତରଅନ୍ତର ନୀତିକୁ ନେଇ ପୂର୍ବତନ ଛାତ୍ର ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଉଛି। କଲେଜର ଆବଶ୍ୟକ ଜମି ଓ କୋଠା ରହିଛି। କଲେଜରେ ଯୁକ୍ତ ଦୁଇ, ଯୁକ୍ତ ତିନି କଳା, ବିଜ୍ଞାନ ଓ ବାଣିଜ୍ୟରେ ୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ପଢୁଛନ୍ତି। ଏହା ସତ୍ତ୍ୱେ ମଧ୍ୟ ସୋନପୁର କଲେଜକୁ ପୂର୍ଣ୍ଣ ସରକାରୀ ମାନ୍ୟତା ମିଳିପାରି ନାହିଁ। ଫଳରେ ସୋନପୁର କଲେଜରେ ଆବଶ୍ୟକତା ଅନୁସାରେ ଟିଚିଂ ଏବଂ ନନ୍ ଟିଚିଂ ଷ୍ଟାଫ୍ ପୂରଣ ହୋଇ ପାରୁନାହିଁ। ଏଭଳି ସ୍ଥଳେ କେବେ ସ୍ୱୟଂ ଶାସିତ ଘୋଷଣା ହେବ ସମୟ କହିବ।

ସୂଚନାଯୋଗ୍ୟ ଏହି କଲେଜରେ ଇଗ୍ନୋ ଏବଂ ମୁକ୍ତ ବିଶ୍ୱ ବିଦ୍ୟାଳୟର ଷ୍ଟଡି ସେଣ୍ଟର ଖୋଲା ଯାଇଛି। ଏହା ଅଧୀନରେ ଏଠାରେ ଯୁକ୍ତି ଏବଂ ପିଜି ପାଠ୍ୟକ୍ରମରେ ଛାତ୍ରଛାତ୍ରୀ ଶିକ୍ଷା ନେଉଛନ୍ତି। ଏହା ସତ୍ତ୍ୱେ ମଧ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏହି କଲେଜରେ ପିଜି ପାଠ୍ୟକ୍ରମ ଖୋଲା ଯାଇ ନାହିଁ। ବିଶ୍ୱବ୍ୟାଙ୍କର ଅନୁଦାନରେ ୪ କୋଟି ଟଙ୍କା ବ୍ୟୟରେ କଲେଜରେ ନୂଆ ଏକାଡେମିକ୍ ବ୍ଲକ ନିର୍ମାଣ ହୋଇଛି। ଆନୁସଙ୍ଗିକ ବ୍ୟବସ୍ଥାର ଉନ୍ନତି ପାଇଁ ଆହୁରି ୧ କୋଟି ଟଙ୍କା ମିଳିଛି। ସରକାରୀ ମାନ୍ୟତା ପାଇବା ତଥା ପିଜି ଖୋଲିବା ପାଇଁ ସମସ୍ତ ବ୍ୟବସ୍ଥା ଥାଇ ମଧ୍ୟ ଅଣଦେଖା କରାଯାଉଛି। ତେଣୁ କଲେଜକୁ ଶୀଘ୍ର ପୂର୍ଣ୍ଣ ସରକାରୀ ମାନ୍ୟତା ସହ ସ୍ୱୟଂ ଶାସିତ ଘୋଷଣା କରାଯାଉ ବୋଲି ଦାବି ହେଉଛି।

## ବୌଦ୍ଧ ଜିଲ୍ଲା କଲ୍‌ଚରାଲ ଏକାଡେମୀର ବାର୍ଷିକ ଉତ୍ସବ




**ବୌଦ୍ଧ, ୨୧।୧(ସମିସ):** ଜିଲ୍ଲା କର୍ମଚାରୀ ଭବନ ପରିସରରେ ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ଅଷ୍ଟବିଂଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ହରିହର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଡ. ବୈରାଗୀ ଚରଣ ପଟ୍ଟନାୟକ, ବିଭାଗ ମୁଖ୍ୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ବାଙ୍କୀ ମହାବିଦ୍ୟାଳୟ, ମୁଖ୍ୟବକ୍ତା ମଦନ ସୁନ୍ଦର କ୍ଷେତୀ, ଅଧ୍ୟାପକ ମହିଳା ମହାବିଦ୍ୟାଳୟ ସୋନପୁର, ସମ୍ମାନିତ ଅତିଥି ପ୍ରତାପ ରଥ, ମୁଖ୍ୟ ସଂସ୍କୃତଅଧ୍ୟାପକ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ଦେବରାଜ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଧପୁର ଆଠମଲ୍ଲିକ, ରୋମାଣ୍ଟିକ କବି କିଶୋର ମିଶ୍ର, ଭାଷାରତ୍ନ ଖଗେଶ୍ୱର ମାର୍ଥା ପ୍ରମୁଖ ଭାଷା ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁ ସାହିତ୍ୟିକ ସ୍ତମ୍ଭ ଲେଖକ ଅନୁଷ୍ଠାନର ଉପସଭାପତି ଧ୍ରୁବଚରଣ ଘିବେଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମିଟି ସଦସ୍ୟ ଶିକ୍ଷକ ରାଜକୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ରମେଶ ପ୍ରସାଦ ମେହେର ବିବରଣୀ ପଠନ କରିଥିଲେ। ସାହିତ୍ୟ କ୍ଷେତ୍ରରେ ଅବଦାନ ଥିବା ବିଶିଷ୍ଟ ପ୍ରତିଭାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବିବେକାନନ୍ଦ ପଟ୍ଟନାୟକ ସାହିତ୍ୟ ପୁରସ୍କାର-ପ୍ରେମାନନ୍ଦ ପାଣିଗ୍ରାହୀ, ଭୁବନ, ପ୍ରଫୁଲ୍ଲ ମହାକୁଳ ସାହିତ୍ୟ ପୁରସ୍କାର-ସୌରଭ ଖମାରୀ, ସୋନପୁର, ଭିକାରୀ ନାୟକ କଳା ଓ ସଂଗୀତ ପୁରସ୍କାର-ଚୁନି ବରଗର୍ତ୍ତୀ, ବିଳାସପୁର, ବୌଦ୍ଧ, ବେଣୁଧର ମିଶ୍ର ସାହିତ୍ୟ ପୁରସ୍କାର-ମାନିନୀ ମିଶ୍ର, ରେଢ଼ାଖୋଲ, ଶିଶୁ ସାହିତ୍ୟ ପୁରସ୍କାର-ସନ୍ତୋଷ ଅଦାବର, ବୀରମହାରାଜପୁର, ଭକ୍ତି ସାହିତ୍ୟ ପୁରସ୍କାର-ବଂଶୀଧର କର୍ମୀ, ଲମ୍ବସରୀ, ବୌଦ୍ଧ, ଅଭିଷେକ ପ୍ରଧାନ ଯୁବ ପ୍ରତିଭା ପୁରସ୍କାର-ଅରୁଣ କୁମାର ମେଣ୍ଡୁଲିଙ୍କୁ ଦିଆଯାଇଥିଲା। ରାଧାମୋହନ ମହାରଣା ଧନ୍ୟବାଦ ଦେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ଷଷ୍ଠ ରାଜ୍ୟସ୍ତରୀୟ ବୁଦ୍ଧଦେବ ଫୁଟ୍‌ବଲ୍ କପ୍: ବୁଦ୍ଧଦେବ କ୍ଲବ୍ ବିଜୟୀ

**ହରଭଙ୍ଗା, ୨୧।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପ୍ରଗଲପୁର ତସରା ଖେଳ ପଡ଼ିଆରେ ବୁଦ୍ଧଦେବ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଷଷ୍ଠ ରାଜ୍ୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ପ୍ରଗଲପୁର ବୁଦ୍ଧଦେବ କ୍ଲବ ୨-୦ ଗୋଲରେ ଚକାଡୋଲା କ୍ଲବ ଜି. ଉଦୟଗିରିକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟଅତିଥି ଭାବେ ରାମଗଡ ସରପଞ୍ଚ ପ୍ରତିନିଧି ଶୁଭେନ୍ଦୁ ଯୋଶୀ, ସମ୍ମାନିତ ଅତିଥିଭାବେ ସାମ୍ପୋଚ ପୂର୍ବତନ ସରପଞ୍ଚ ଦିଲ୍ଲୀପ ପ୍ରଧାନ, ରାମଗଡ଼ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀନିବାସ ଦେହୁରୀ, ଶିକ୍ଷକ ସାନନ୍ଦ ମେହେର ଓ ସାରଥୀ ସେଠୀ ଉପସ୍ଥିତ ଥିଲେ। ମୁଖ୍ୟ ରେଫରୀ ସୁଜିତ ରାଜହଂସ ପରିଚାଳନା କରିଥିବା ବେଳେ ସୁଶୀଲ ବେହେରା, ପ୍ରତାପ ପ୍ରଧାନ, ସରୋଜ ମଲିକ ସହଯୋଗ କରିଥିଲେ। କ୍ଲବ୍ ର ସଭାପତି ସ୍ୱାଧୀନ ଦୀପ, ସଂପାଦକ ସୁଶୀଲ ସେଠି, ମନୋଜ ସେଠି, ନଗେନ ଦୀପ, ରଜତ ଖମାରି, ଜୟନ୍ତ ଚାଉଳି, ଆଲୋକ ପ୍ରଧାନ, ସାନନ୍ଦ ଡାଙ୍ଗ, ସାଗର ମହାକୁଡ଼ଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ସୋମବାର ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ଜୟଦୁର୍ଗା କ୍ଲବ ସୋନପୁର ସହ ପ୍ରଗଲପୁର ବୁଦ୍ଧଦେବ କ୍ଲବ ଭିତରେ ଅନୁଷ୍ଠିତ ହେବା ନେଇ ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

## ଦୀର୍ଘବର୍ଷ ହେଲା ଅନ୍ଧାରରେ ଡୁଙ୍ଗୁରୀଛକ, ଅସୁରକ୍ଷିତ ଯାତ୍ରୀ

**ସୁବଳୟା,୨୧।୧ (ସମିସ):** ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ ଡୁମ୍ବୁରୀଛକ ଏବେ ଅନ୍ଧାରରେ ଘେରରେ ରହିଛି। ଏହି ଛକ ଉପରେ ଅନେକ ଗ୍ରାମବାସୀ ନିର୍ଭର କରିଥାନ୍ତି। ସକାଳୁ ରାତ୍ରୀ ପର୍ଯ୍ୟନ୍ତ ଏଠାରେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ଯାତ୍ରୀ ଅପେକ୍ଷା କରିଥାନ୍ତି। ଆଶ୍ରୟ ନେବା ପାଇଁ ବିଶ୍ରାମ ଗୃହ ଥିଲେ ମଧ୍ୟ ତାହା ଜରାଜୀର୍ଣ୍ଣ ଓ ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏଥିସହ ବିଦ୍ୟୁତ ଆଲୁଅ ବ୍ୟବସ୍ଥା ନଥିବାରୁ ସନ୍ଧ୍ୟାରେ ଯାତ୍ରୀମାନେ ଅସୁରକ୍ଷିତ ଭାବରେ ରାତ୍ରିବସକୁ ଜଗି ରହୁଛନ୍ତି। ଏଠାରେ ଅପେକ୍ଷା କରୁଥିବା ଯାତ୍ରୀ ଅସାମାଜିକ ଯୁବକଙ୍କ ଆକ୍ରମଣର ଶିକାର ହେଉଥିବା ବିଭିନ୍ନ ସମୟରେ ଶୁଣିବାକୁ ମିଳିଛି। ଏହି ଛକ ଦେଇ ପ୍ରତିଦିନ କଟକ,ଭୁବନେଶ୍ୱର,ରେଢ଼ାଖୋଲ, ସମ୍ବଲପୁର, ବଲାଙ୍ଗିର ତଥା ବିଭିନ୍ନ ସ୍ଥାନକୁ ଯାନବାହାନ ଯିବା ପାଇଁ ଜନସାଧାରଣ ଅପେକ୍ଷା କରିଥାନ୍ତି। ରାତ୍ରୀ ସମୟରେ ଅନ୍ଧାରର ସୁଯୋଗ ନେଇ ଯାତ୍ରୀଙ୍କଠାରୁ ଲୁଟପାଟ ହେଉଥିବା ଅଭିଯୋଗ ହେଇ ଆସୁଛି। ଷ୍ଟ୍ରିଟ ଲାଇଟ ଅଭାବରୁ ରାତ୍ରୀ ହେଲେ ଅନ୍ଧାର ହୋଇଥିବାରୁ ମଦ୍ୟପ ଓ ଅସାମାଜିକ ଲୋକମାନଙ୍କର ପ୍ରାଦୁର୍ଭାବ ବଢ଼ିବା ସହ ଗଞ୍ଜେଇ ଚୋରାଚାଲାଣର ପାଇଁ ସୁବିଧା ହେଉଛି। ବିଶେଷ କରି ସନ୍ଧ୍ୟାରେ ଟିଉସନ ଯାଉଥିବା ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।ଏହା ପାଖରେ ପ୍ରସିଦ୍ଧ ଶୈବପୀଠ ଗୋଧନେଶ୍ୱର ମନ୍ଦିର ଥିବାରୁ ସକାଳ ହେବା ମାତ୍ରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯିବାଆସିବା କରିଥାନ୍ତି। ଉକ୍ତ ଛକଠାରେ ପିଇବା ପାଣି ଓ ଆଲୁଅ ବ୍ୟବସ୍ଥା କରାକଲେ ବହୁ ଯାତ୍ରୀମାନେ ଉପକୃତ ହେବେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

- ପିଇବା ପାଣି ଟୋପାଏ ପାଇଁ ଯାତ୍ରୀ କଳବଳ
- ଧ୍ୟାନ ଦେଉନାହାନ୍ତି ଜନପ୍ରତିନିଧି କି ପ୍ରଶାସନିକ ଅଧିକାରୀ

## ସାହାଜପାଲରେ ଦୃଷ୍ଟିହୀନ ଭଜନ ସମାରୋହ

**ସାହାଜପାଲ, ୨୧।୧(ସମିସ):** ବୌଦ୍ଧ ବ୍ଲକ ତାଳଶରଢ଼ା ପଞ୍ଚାୟତ ଅନ୍ତର୍ଗତ ସାହାଜପାଲ ସାପ୍ତାହିକ ବଜାର ଛକରେ ରବିବାର ସନ୍ଧ୍ୟାରେ ଶ୍ରୀ ହରଗୌରୀ ଦୃଷ୍ଟିହୀନ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦୃଷ୍ଟିହୀନ ଯୁବକ ଯୁବତୀମାନେ ମନଛୁଆଁ ଭଜନ ଗାନ କରିଥିଲେ। ପ୍ରଥମ ଥର ପାଇଁ ଏଭଳି ଦୃଷ୍ଟିହୀନ ମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହେଉଥିବାରୁ ଗୀତ ଶୁଣିବା ପାଇଁ ଦର୍ଶକଙ୍କ ଭିଡ ଜମିଥି। ଏହି ଦୃଷ୍ଟିହୀନ ବ୍ୟକ୍ତିମାନେ କୋରାପୁଟରୁ ଆସିଥିବା ବେଳେ ପ୍ରାୟ ୩ ଘଣ୍ଟା ଭଜନ ସମାରୋହ ଚାଲିଥିଲା।

## ପଞ୍ଚାୟତସ୍ତରୀୟ କିଶୋରୀ ମେଳା

**ବୌଦ୍ଧ, ୨୧।୧(ସମିସ):** ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଲୋଚନ ପୃଷ୍ଟି, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ଗୋପାଳଚନ୍ଦ୍ର ମଲ୍ଲିକ, ପ୍ରୋଗ୍ରାମ ଅଫିସର ଗୀତାଞ୍ଜଳି ପ୍ରଧାନ, ପୋଷଣ ସଂଯୋଜକ ରୁତୁଞ୍ଜୟ ଛତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଡାକ୍ତରୀ ଟିମ ଦ୍ୱାରା କିଶୋରୀ ବାଳିକାଙ୍କ ହିମୋଗ୍ଲୋବିନ, ସିକଲିନ ପରୀକ୍ଷା କରାଯିବା ସହିତ ଓଜନ ଓ ଉଚ୍ଚତା ମାପ କରାଯାଇଥିଲା। ପରେ କିଶୋରୀମାନେ ନୃତ୍ୟ, ଗୀତ, ପୁଚି, ଦଉଡି ଡିଆଁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଇସିଡିଏସ ମଣ୍ଡଳ ପରିଚାଳିକା ସଂଯୁକ୍ତା ସାମଲ ପରିଚାଳନା କରିଥିବାବେଳେ ସମସ୍ତ ଅଙ୍ଗନବାଡି କର୍ମୀ ସହଯୋଗ କରିଥିଲେ।

## ଆବାସିକ ବିଦ୍ୟାଳୟର ଦଶମ ବାର୍ଷିକ ଉତ୍ସବ



**ଶଗଡା, ୨୧।୧(ସମିସ):** ସେବା କରିବାକୁ ହେଲେ ତନ ମନର ଆବଶ୍ୟକତା ରହିଛି। ଧନର ଆବଶ୍ୟକତା ନଥିବା ନେଇ ଅତିଥିମାନେ ମତ ଦେଇଥିଲେ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ସ୍ଥିତ କୋଡ଼ିବାହା - କୁରୁକୁପାସ୍ଥିତ ଭୀମ ଭୋଇ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟର ଦଶମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ କଣ୍ଟମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ମହିଧର ରଣା ଯୋଗ ଦେଇଥିଲେ।

ଉକ୍ତ ଅନୁଷ୍ଠାନର ନିର୍ଦ୍ଦେଶକ ମନବୋଧ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରୀରଣାଙ୍କ ସହିତ ମୁଖ୍ୟବକ୍ତାଭାବେ କଳାହାଣ୍ଡିର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବରୁଣ ସୁନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ଶିକ୍ଷାବିତ ନୀଳାଚଳ ଭୋଇ, ଉପଦେଷ୍ଟା ବିପିନ ଭୋଇ, ସମାଜସେବୀ ପ୍ରଶାନ୍ତ ରଣା, ଜୟକିଶୋର ରଣା ଓ ନିରଞ୍ଜନ ମଲିକ ଯୋଗ ଦେଇ ଅନୁଷ୍ଠାନର ନିର୍ଦ୍ଦେଶକଙ୍କୁ ବହୁ ପ୍ରଶଂସା କରିଥିଲେ। ଦିବ୍ୟାଙ୍ଗ ଛାତ୍ର ସ୍ୱାଗତ ସଙ୍ଗିତ ଗାନ କରିଥିଲେ। ଦଶ ବର୍ଷ ଧରି ଉକ୍ତ ଅନୁଷ୍ଠାନକୁ ବିଦ୍ୟାଳୟ କରିବାପାଇଁ ବିନାମୂଲ୍ୟରେ ଗୃହ ଯୋଗାଇଥିବାରୁ ଅନୁଷ୍ଠାନ ତରଫରୁ ଦେଓ ବେହେରାଙ୍କୁ, ଅନୁଷ୍ଠାନ ସହିତ ସବୁବେଳେ ସହଯୋଗ କରୁଥିବା ନିଳାଚଳ ଭୋଇ ଓ ବିପିନ ଭୋଇଙ୍କୁ ସମ୍ମାନିତ କରିଥିଲା। ଶିକ୍ଷକ ଘନଶ୍ୟାମ ପ୍ରଧାନ ଅତିଥି ପରିଚୟ ଓ ମଞ୍ଚ ସଞ୍ଚାଳନ କରିଥିବା ସ୍ଥଳେ ଶିକ୍ଷକ ରାହାସ ବିହାର ବାର୍ଷିକ ବିବରଣୀ ପାଠ କରିଥିଲେ। ନିର୍ଦ୍ଦେଶକ ମନବୋଧ ନନ୍ଦ ଧନ୍ୟବାଦ ଦେଇଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅଞ୍ଚଳର କୁନିକୁନି ଶିଶୁ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଚଗୀତ ପରିବେଷିତ ହୋଇଥିଲା।

## ବ୍ଲକ୍‌ସ୍ତରୀୟ କଳାକାର କର୍ମଶାଳା



**ଡୁଙ୍ଗୁରିପାଲି, ୨୧।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିରେ ଓଡିଶା ସରକାରଙ୍କ ଲୋକସମ୍ପର୍କ ଏବଂ ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପରିଚାଳିତ ଦୁଇ ଦିବସୀୟ କଳାକାର କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏହା ଆସନ୍ତା ୨୧ତାରିଖରୁ ଫେବୃୟାରୀ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଆଗରୁ ସମସ୍ତଙ୍କୁ ପୁସ୍ତିକା ପ୍ରଦାନ କରାଯାଇ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଜି କଳାକାରମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜ ନିଜର କଳାର ପ୍ରଦର୍ଶନ କରିଥିଲେ। ବିଡିଓ ରୋହିତ ଭୋଇ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ରମେଶ ପଧାନ, ବ୍ଲକ ସଂସାଦନ ସଭ୍ୟ ଥିବୀର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରବୀଣ ରଥ, ସହକାରୀ ଅଧିକାରୀ ପ୍ରଭୁଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀ ନିବାସ ପାଲଟିଛି ଭୂତକୋଠି
# ୧୪ ବର୍ଷ ହେଲା ପଡ଼ିଛି ତାଲା

**ହରଭଙ୍ଗା, ୨୧।୧(ସମିସ)**



ବୌଦ୍ଧ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ଏକ ନଗ୍ନ ରୂପ ସାମ୍ନାକୁ ଆସିଛି। ଦୀର୍ଘ ୧୪ ହେଲା ହରଭଙ୍ଗା ବ୍ଲକ ମହାଲିକ ପଡା ପଞ୍ଚାୟତ ଉପାନ୍ତ ସାତଖଣ୍ଡ ଓ ମହାଲିକପଡାରେ ଆନୁଷଙ୍ଗିକ ପଦକ୍ଷେପ ପ୍ରତି ଯେପରି ଶିକ୍ଷା ବିଭାଗ ଆଖି ବୁଜି ଦେଇଛି। ୨୦୧୧-୧୨ରେ ତିଆରି ହୋଇଥିବା ଅନୁସୂଚିତ ଜାତି ଓ ଜନଜାତି ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ପାଲଟିଛି ଭୂତ କୋଠି। ପାରା, ସରୀସୃପ, ଚେରେମେନିଆ, ବାଦୁଡ଼ି, ବୁଢିଆଣୀଙ୍କ ବାସସ୍ଥାନ ଓ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ ପାଲଟିଛି। ସରକାର ଉକ୍ତ ଦୁଇ ଛାତ୍ରୀ ନିବାସକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ତିଆରି କରିଥିବା ସହ ବିଦ୍ୟୁତ ସଂଯୋଗ, ପାନୀୟଜଳ ଯୋଗାଣ କରିଥିଲେ ମଧ୍ୟ ତାହା ଏବେ ଅଚଳବସ୍ଥାରେ ପଡ଼ି ରହି ଭାଙ୍ଗି ରୁଜି ପଡିଛି। ବିଗତ ବର୍ଷଗୁଡିକରେ ଛାତ୍ରୀ ନିବାସକୁ ରହିବା ଉପଯୋଗୀ କରାଯାଇନାହିଁ। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ଏହି ଛାତ୍ରୀ ନିବାସ ତିଆରି କରିବା ଦିନଠୁଁ ଆଜି ପର୍ଯ୍ୟନ୍ତ ଗୋଟିଏ ଦିନ ବି ତାଲା ଖୋଲା କିମ୍ବା ପାଠ ପଢା ହୋଇନି। କିଛି ବର୍ଷ ଜଣସାଧାରଙ୍କୁ ଭୁଆଁ ବୁଲାଇବା ପାଇଁ କିଛି ସରକାରୀ କର୍ମଚାରୀ ଆସି ପରିଚାଳନା କମିଟି ଗଠନ, ସଭାପତି ଚୟନ କରି କିଛି ପିଲାଙ୍କ ନାମ ଲେଖାଉଛନ୍ତି କିନ୍ତୁ ସ୍କୁଲ ଖୋଲା ଯାଉନିକି ପାଠ ପଢା ହେଉନି। ଚଳିତ ଶିକ୍ଷାବର୍ଷରେ ମଧ ପ୍ରାୟ ୩୫ ଜଣ ଛାତ୍ରୀଙ୍କ ନାମ ଲେଖାଯାଇଥିବା ସାତ ଖଣ୍ଡର ଗ୍ରାମବାସୀ ସୂଚନା ଦେଇଛନ୍ତି। ଉକ୍ତ ଦୁଇ ଛାତ୍ରୀ ନିବାସରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ସାତଖଣ୍ଡ, ମହାଲିକପଡା, ହିଞ୍ଜଳ, କୁଟୀବାରୀ, ଗେରେଡି ସାହି, ଶ୍ରୀପାଜୁ, ଖଲିସାହି, ବାରମୁଣ୍ଡା, ଶିତିକାବାରୀ, ଓ ନୟାଗଡ଼ ଜିଲ୍ଲାର କୁମ୍ବରୀ, ବେଦାଡି, ବାଙ୍କଝୁରି, ଡୁଇସିଙ୍ଗ ଗାଁର ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀମାନେ ନିର୍ଭର କରୁଥିବା ବେଳେ ଭବିଷ୍ୟତର ନାଗରିକ ଏହି ଅଞ୍ଚଳରୁ କିପରି ତିଆରି ହୋଇପାରିବେ ତାହା ବଡ଼ ପ୍ରଶ୍ନବାଚୀ ରହିଛି। ବୌଦ୍ଧ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳରେ ଦାବି ହେଉଛି।

## ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଚାପମୁକ୍ତ ପରୀକ୍ଷା କର୍ମଶାଳା




**ବୌଦ୍ଧ ୨୧।୧(ସମିସ):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ଚାପମୁକ୍ତ ପରୀକ୍ଷା ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ତଥା ମୁଖ୍ୟ ଆଲୋଚକ ଭାବରେ ଜିଲ୍ଲା ଅତିରିକ୍ତ ଚିକିତ୍ସାଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା ଯୋଗ ଦେଇଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ରୂପକ ମହାପାତ୍ର ନିଜର ବ୍ୟକ୍ତିଗତ ଜୀବନରେ କିପରି ଚାପଗ୍ରସ୍ତ ହୋଇ ତାର ମୁକାବିଲା କରିଛନ୍ତି ସେ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମୋବାଇଲ ଓ ଇଣ୍ଟରନେଟ୍ ଯୋଗୁଁ ଛାତ୍ରଛାତ୍ରୀ ମାନେ କିପରି ଚାପଗ୍ରସ୍ତ ହୋଇ ମାନସିକ ଭାରସାମ୍ୟ ହରାଇବା ସହ ନିଜର କ୍ଷତି ସାଧନ କରୁଛନ୍ତି ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ତାଲିମ ଦାତା ଭାବରେ ମାନସିକ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶଦାତ୍ରୀ କଳ୍ପନା ସାହୁ ଏବଂ ଉତ୍ତମ ଧାନ ମଣିଷର ସମସ୍ତ ପ୍ରକାର ମାନସିକ ଚାପ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ଛାତ୍ରଛାତ୍ରୀ ସେମାନଙ୍କ ଜୀବନରେ ଘଟିଥିବା ମାନସିକ ଚାପ ଘଟଣାବଳି ବର୍ଣ୍ଣନା କରିଥିଲେ। ରେଡକ୍ରସ ସମ୍ପାଦକ ଅଧ୍ୟାପକ ପ୍ରବୀର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ବେହେରା ଛାତ୍ରଛାତ୍ରୀଙ୍କୁ କୌଣସି ନକାରାତ୍ମକ କାର୍ଯ୍ୟ ନକରିବାକୁ ପରାମର୍ଶ ଦେଇଥିଲେ। ସଂଯୋଜିକା ଶୈଳବାଳା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

